୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.108 Bhubaneswar Sunday June 02 2024 ୨୬ତମ ବର୍ଷ ସଂଖ୍ୟା–୧୦୮ ଭୁବନେଶ୍ୱର, ରବିବାର, ଜୁନ ୨, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

ସରିଲା ଭୋଟ, ଆସିଲା ଏକଜିଟ ପୋଲ: ମୋଦି ମାରିବେ ହ୍ୟାଟ୍ରିକ

ଭୁବନେଶ୍ୱର,୧।୬(ପି.ଏନ): ଶେଷ ହୋଇଛି ଗଣତନ୍ତ୍ରର ମହାନ ପର୍ବ ନିର୍ବାଚନ। ଦେଶରେ ୫୪୩ ଲୋକସଭା ଆସନ ଓ କିଛି ରାଜ୍ୟର ବିଧାନସଭା ଆସନ ପାଇଁ ଲୋକମାନେ ଦେଇଛନ୍ତି ଭୋଟ। ମୋଟ ୭ଟି ପର୍ଯ୍ୟାୟରେ ଭୋଟିଂ କରି ଦେଶର ଜନତା ଆସନ୍ତା ୫ ବର୍ଷ ପାଇଁ ନିଜର ସରକାରଙ୍କୁ ବାଛି ସାରିଛନ୍ତି। ୭ମ ପର୍ଯ୍ୟାୟ ଭୋଟିଂ ଶେଷ ହେବା ସହ ୮ ହଜାରରୁ ଅଧିକଙ୍କ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇଯାଇଛି। ଏପ୍ରିଲ ୧୯ରେ ପ୍ରଥମ ପର୍ଯ୍ୟାୟ ପାଇଁ ମତଦାନ ହୋଇଥିବା ବେଳେ ଆଜି ମେ' ୧ ତାରିଖରେ ସପ୍ତମ ପର୍ଯ୍ୟାୟ ଭୋଟିଂ ହୋଇଛି। ଭୋଟିଂ ଶେଷ ହୋଇଥିବା ବେଳେ ଆସନ୍ତା ୪ ତାରିଖରେ ଗଣତି ସହ ରେଜଲ୍ଟ ପ୍ରକାଶ ପାଇବ।

ରାଇରଂଗପୁରରେ ଭୋଟ ଦେଲେ ରାଷ୍ଟ୍ରପତିଙ୍କ ଝିଅ ଇତିଶ୍ରୀ

ରାଇରଙ୍ଗପୁର,୧।୬(ପି.ଏନ): ମୟୂରଭଞ୍ଜ ଜିଲ୍ଲାର ଗର୍ବ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଝିଅ ଇତିଶ୍ରୀ ମୁର୍ମୁ ରାଇରଙ୍ଗପୁର ୱାର୍ଡ ନଂ ୨ରେ ଶନିବାର ଦିନ ମତଦାନ କରିଛନ୍ତି। ତେବେ ମତଦାନ ଆରମ୍ଭ ହେବାର ଦୀର୍ଘ ସମୟ ପରେ ଭୋଟ ଦାନ ଆରମ୍ଭ ହୋଇଛି। ଯାହାକୁ ନେଇ ଭୋଟରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଇତିଶ୍ରୀ ମୁର୍ମୁ ଭୋଟ ଦେଇ ଜିଲ୍ଲାର ସମସ୍ତ ଭୋଟରଙ୍କୁ ଗଣତନ୍ତ୍ରର ଏହି ମହାପର୍ବରେ ସାମିଲ ହୋଇ ନିଜର ମତାଧିକାର ସାବ୍ୟସ୍ତ କରନ୍ତୁ ଏବଂ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରନ୍ତୁ ବୋଲି ଅପିଲ୍ କରିଥିଲେ।

ପୁରୀ ବାଣ ବିସ୍ଫୋରଣ ମାମଲାରେ ଆଉ ଜଣଙ୍କ ମୃତ୍ୟୁ, ମୃତ୍ୟୁ ସଂଖ୍ୟା ୮କୁ ବୃଦ୍ଧି

ଭୁବନେଶ୍ୱର,୧।୬(ପି.ଏନ) : ପୁରୀ ବାଣ ବିସ୍ଫୋରଣ ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ଏବେ ଆଉ ଜଣଙ୍କ ମୃତ୍ୟୁ ଘଟିଛି । ଫଳରେ ମୃତ୍ୟୁ ସଂଖ୍ୟା ୮କୁ ବୃଦ୍ଧି ପାଇଛି । ଏବେ ଏହି ଘଟଣାରେ ଆଉ ୨୨ ଜଣ ବିଭିନ୍ନ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ଏଠାରେ ସୂଚାଇ ଦିଆଯାଇପାରେ କି ଗତ ବୁଧବାର ଦିନ ପୁରୀରେ ମହାପ୍ରଭୁଙ୍କ ଚାପ ଖେଳ ସମୟରେ ଆତସବାଜି ଚାଲିଥିବା ବେଳେ ବାଣ ବିସ୍ଫୋରଣ ଘଟିଥିଲା । ଏଥିରେ ୩୦ ଜଣ ଶ୍ରଦ୍ଧାଳୁ ଗୁରୁତର ହୋଇଥିଲେ । ସେହିଦିନ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଦିନ ଭିତରେ ୭ ଜଣଙ୍କର ମୃତ୍ୟୁ ଘଟିଲାଣି ।

ମତଦାନ ବେଳେ ଭୋଟରଙ୍କ ମୃତ୍ୟୁ: ବୁଥ ଭିତରେ ଟଳିପଡିଲେ ବୃଦ୍ଧ

ନୀଳଗିରି,୧।୬(ପି.ଏନ): ଆଜି ଶେଷ ପର୍ଯ୍ୟାୟ ମତଦାନରେ ଘଟିଯାଇଛି ଏକ ବିରାଟ ଅଘଟଣ । ଭୋଟ ଦେବାକୁ ଆସି ପ୍ରାଣ ହରାଇଛନ୍ତି ଜଣେ ବୃଦ୍ଧ ଭୋଟର । ନୀଳଗିରି ଇଶ୍ୱରପୁର ପଞ୍ଚାୟତର ୧୫୯ ନମ୍ବର ବୁଥରେ ଜଣେ ବୃଦ୍ଧ ଭୋଟରଙ୍କ ମୃତ୍ୟୁ ହୋଇଛି । ଭୋଟ ଦେବାକୁ ଆସିଥିବା ବେଳେ ବୁଥ୍ ଭିତରେ ହିଁ ଟଳି ପଡିଥିଲେ ବୃଦ୍ଧ ଜଣକ । ତେବେ ଏହାପରେ ତାଙ୍କୁ ଉଦ୍ଧାର କରାଯାଇ ମେଡିକାଲ ନିଆଯାଇଥିବା ବେଳେ ଇଶ୍ୱରପୁର ମେଡିକାଲରେ ତାଙ୍କୁ ମୃତ ଘୋଷଣା କରାଯାଇଛି ।

ବୁଥ୍ ଆଗରେ ସ୍ତ୍ରୀକୁ ହତ୍ୟାକଲା ସ୍ୱାମୀ

ଭଦ୍ରକ,୧।୬ (ପି.ଏନ): ବୁଥ ସାମ୍ନାରେ ସ୍ତ୍ରୀକୁ ହାଣିଲା ସ୍ୱାମୀ । ସ୍ତ୍ରୀକୁ ମେଡିକାଲରେ ମୃତ ଘୋଷଣା କଲେ ଡାକ୍ତର । ପାରିବାରିକ କଳହକୁ ନେଇ ହତ୍ୟା କରାଯାଇଥିବା ସୂଚନା। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନ କାଉପୁର ପଂଚାୟତ ମୁକ୍ତାଡ଼ିହି ଗାଁ ୪ ନମ୍ବର ବୁଥ ସାମ୍ନାରେ ଏମିତି ଅଭାବନୀୟ ଘଟଣା ଘଟିଛି । ମୃତ ମହିଳା ଜଣକ ହେଲେ ରଶ୍ମିରେଖା ବେହେରା । ଅଭିଯୁକ୍ତ ସ୍ୱାମୀ ପ୍ରଭାକରଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି ପୋଲିସ । କହି ରଖୁଛୁ କି, ରଶ୍ମିରେଖା ଏବଂ ପ୍ରଭାକରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏହାପରେ ରଶ୍ମିରେଖା ରାଗରେ ବାପଘରକୁ ଯାଇଥିଲେ ।ରବିବାର ଭୋଟ ଦେବାକୁ ବାଦାଙ୍କ ସହ ରଶ୍ମିରେଖା ଯାଇଥିବାବେଳେ ପ୍ରଭାକର ସେଠାରେ ପହଞ୍ଚିଥିଲେ । ଉଭୟଙ୍କ ମଧ୍ୟରେ ପ୍ରଥମେ ଝଗଡ଼ା ହୋଇଥିଲା । କେହି କିଛି ଭାବିବା ପୂର୍ବରୁ ସ୍ତ୍ରୀକୁ ହାଣି ଦେଇଥିଲେ ପ୍ରଭାକର । ବୁଥ ସାମ୍ନାରେ ଧାଡ଼ିରେ ରହିଥିବାବେଳେ ପ୍ରଭାକର ତାଙ୍କୁ ଆକ୍ରମଣ କରିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ତେବେ ଏହି ଘଟଣା ପରେ ଚାପା ଉତ୍ତେଜନା ମଧ୍ୟ ଦେଖା ଦେଇଛି ।

ଗଜପତି : ଚାଷ ଜମିରୁ ଗଳିତ ମୃତଦେହ ଉଦ୍ଧାର, ସାଇଣ୍ଟଫିକଟିମର ତଦନ୍ତ

ପାରଳାଖେମୁଣ୍ଡି,୧/୬ (ପି.ଏନ): ଗଜପତି ଜିଲ୍ଲା ଗୁମ୍ଫା ବ୍ଲକ ତଥା ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ପାର୍ଶମ୍ବା ଗ୍ରାମ ନିକଟସ୍ଥ ଏକ କାଜୁ ଜଙ୍ଗଲ ପଛପାଖ ଜମିରେ ସନ୍ଦେହଜନକ ଭାବେ ଏକ ଗଳିତ ଶବ ଠାବ ହୋଇଛି। ଖବର ପାଇ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ସମେତ ପାରଳାଖେମୁଣ୍ଡି ଏସଡିପିଓ ମାଧବାନନ୍ଦ ନାୟକ ସଦଳବଳେ ପହଞ୍ଚି ତଦନ୍ତ କରିଥିଲେ। ପରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଆବଶ୍ୟକ ଯାଞ୍ଚ କରିଥିଲେ। ତେବେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିଛି। ତାଙ୍କ ନାମ ବି.କ୍ରିଷ୍ଣାରାଓ (୪୫) ଏବଂ ଘର ପାରଳାଖେମୁଣ୍ଡି ସହରର ରାମନଗର ବୋଲି ତାଙ୍କ ପକେଟରୁ ମିଳିଥିବା ଭୋଟର ପରିଚୟ ପତ୍ରରୁ ଜଣାପଡ଼ିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ପୋଷ୍ଟମର୍ଟମ ରିପୋର୍ଟ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଏସଡିପିଓ ଶ୍ରୀ କହିଛନ୍ତି। ଏନେଇ ପାରଳା ଆଦର୍ଶ ଥାନାରେ ଏକ ମାମଲା ରୁଜୁ କରାଯାଇ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଥିବାର ଏସଡିପିଓ ଶ୍ରୀ ନାୟକ କହିଛନ୍ତି।

ଏକଜିଟ୍ ପୋଲ୍ କହୁଛି ବଦଳିଛି ଓଡିଶା ଭୋଟରଙ୍କ ମୁଡ୍ ?: ଲୋକସଭା ଭଳି ବିଧାନସଭାରେ ବି ବିଜେପିର ଦବଦବା

ଭୁବନେଶ୍ୱର,୧।୬(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦଳ ବିଜେଡି ଏବେ ଦୁର୍ବଳ ହେବାରେ ଲାଗିଛି । ଚଳିତ ନିର୍ବାଚନ ଫଳାଫଳ ଜୁନ୍ ୪ତାରିଖରେ ଆସିବା ପୂର୍ବରୁ ଦେଶର ପ୍ରମୁଖ ବିଶ୍ୱସନୀୟ ସଂସ୍ଥା ଦ୍ୱାରା ଆଜି ଜାରି ପୂର୍ବାନୁମାନ ରିପୋର୍ଟ ହିଁ ଓଡିଶାରେ ବିଜେପି ନିଜର ଦବଦବା ବ?ାଇଥିବାର ସନ୍ଦେଶ ଦେଇଛି । ଲୋକସଭା ନିର୍ବାଚନ ଭଳି ବିଧାନସଭାରେ ମଧ୍ୟ ବିଜେପି ନିଜର ଦବଦବା ଜାହିର କରିବ ବୋଲି ଆକଳନ ହୋଇଛି ।ଏହାସହିତ ଦୀର୍ଘବର୍ଷ ଧରି ରାଜ୍ୟରେ ଅପ୍ରତିଦ୍ୱନ୍ଦ୍ୱୀ ଥିବା ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ହ୍ରାସ ସହ ତ୍ରୁଟିପୂର୍ଣ୍ଣ ନିର୍ବାଚନୀ ରଣନୀତି ଯୋଗୁ ବିଜେପିକୁ ଓଡିଶା ବିଧାନସଭା ନିର୍ବାଚନରେ ବି ଆଖିଦୃଶିଆ ସଫଳତା ମିଳିବ ବୋଲି ସର୍ଭ ? ସଂସ୍ଥାଗୁଡିକ ପୂର୍ବାନୁମାନ କରିଛନ୍ତି । ଅବଶ୍ୟ ଦଳର ବିଧାୟକ ସଂଖ୍ୟା ହ୍ରାସ ପାଇଉଥିଲେ ମଧ୍ୟ ବିଜେଡି ସରକାର ଗ?ିବାରେ ସକ୍ଷମ ହେବ ବୋଲି ଏକଜିଟ୍ ପୋଲରେ ଆକଳନ କରାଯାଇଛି ।ଲୋକସଭା ନିର୍ବାଚନ ଫଳାଫଳର ପୂର୍ବାନୁମାନ କରିଥିବା ପ୍ରାୟତଃ ସମସ୍ତ ସର୍ଭ ? ସଂସ୍ଥା ଓଡିଶାରେ ବିଜେପି ଭଲ ପ୍ରଦର୍ଶନ କରିବ ବୋଲି କହିଛନ୍ତି । ଇଣ୍ଡିଆ ଟୁଡେ- ଆକ୍ସିସ ମାଇଁ ଇଣ୍ଡିଆ ସର୍ଭ ? ଅନୁସାରେ ଓଡିଶାରେ ବିଜେପିକୁ ୫୧ ପ୍ରତିଶତ ଭୋଟ୍ ମିଳିବ । ସେହିପରି ରିପବ୍ଲିକ ଟିଭି-ମାର୍ଟିଜ ପୂର୍ବାନୁମାନ ଅନୁସାରେ ଓଡିଶାରେ ବିଜେପିକୁ ୪୬.୮ ପ୍ରତିଶତ ଭୋଟ୍ ମିଳିବ । ଅନ୍ୟ ସବୁ ସର୍ଭ ? ସଂସ୍ଥା ଓଡିଶାରେ ବିଜେପି ଏକତରଫା ଭାବେ ଲୋକସଭା ଆସନଗୁଡିକୁ ଦଖଲ କରିବ ବୋଲି ପୂର୍ବାନୁମାନ କରିଛନ୍ତି । ସର୍ଭ ? ସଂସ୍ଥାଗୁଡିକର ଆକଳନ ଯଦି ସତ ହୁଏ ତା'ହେଲେ ବିଜେଡି ପାଇଁ ଆଉ ସ୍ଥିତି ସହଜ ନଥିବା ଚର୍ଚ୍ଚା ହେଉଛି।

ଭୁଶୁଡୁଛି ବିଜେଡିର ଦୁର୍ଗ: ଲୋକସଭା ସିଟ୍ ଉପରେ ବିଜେପିର ଏକତରଫା ଦଖଲ

ଭୁବନେଶ୍ୱର,୧।୬(ପି.ଏନ):ଦୀର୍ଘ ୨୫ବର୍ଷ ଧରି ଓଡିଶାରେ ଏକତରଫା ସଫଳତା ହାସଲ କରୁଥିବା ବିଜେଡିର ଦୁର୍ଗ ଭୁଶୁଡିବାରେ ଲାଗିଛି । ଚଳିତ ନିର୍ବାଚନରେ ବିଜେଡିକୁ ମାତ୍ ଦେଇ ବିଜେପି ରାଜ୍ୟର ୭୦-୮୦ ପ୍ରତିଶତ ଲୋକସଭା ଆସନକୁ ନିଜ ଦଖଲକୁ ନେବ । ଓଡିଶାରେ ରାଜନୀତିକ ଦୃଶ୍ୟପଟ୍ଟରେ ଏଭଳି ପରିବର୍ତ୍ତନର ଆଭାସ ଦେଇଛନ୍ତି ଦେଶର ପ୍ରାୟତଃ ସମସ୍ତ ପ୍ରମୁଖ ସର୍ଭେ ସଂସ୍ଥା । ନିର୍ବାଚନରେ 'ଓଡିଆ ଅସ୍ମିତା' ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ପ୍ରସଙ୍ଗ ସମେତ ବିଜେପିର ଆକ୍ରମଣାତ୍ମକ ପ୍ରଚାର ଶୈଳୀକୁ ଓଡିଶାବାସୀ ଗ୍ରହଣ କରିଛନ୍ତି । ଅନ୍ୟପକ୍ଷରେ ବିଜେଡିକୁ ନିଜର ଅତ୍ୟଧିକ ଆତ୍ମବିଶ୍ୱାସ, ତୃତୀୟ ମହଲାର ଅଫିସରଙ୍କ କଥାରେ ଟିକେଟ୍ ଚୟନ, ଦଳୀୟ ନେତାଙ୍କୁ ଅଣଦେଖା କରି ଦଳଡିଆଁଙ୍କୁ ଟିକେଟ୍ ପ୍ରଦାନ ଆଦି ପ୍ରସଙ୍ଗ ବିଜେଡିକୁ ମହଙ୍ଗା ପଡିଛି। ବିଜେପି ଏକତରଫା ଭାବେ ରାଜ୍ୟରେ ନିଜର ଦବଦବା ଜାହିର କରୁଥିବା ସମସ୍ତ ଏକଜିଟ୍ ପୋଲ(ନିର୍ବାଚନ ପୂର୍ବାନୁମାନ ରିପୋର୍ଟ)ରୁ ସ୍ପଷ୍ଟ ହେଉଛି । ସୂଚନା ଅନୁସାରେ, ମୋଟ ୨୧ଟି ଲୋକସଭା ଆସନ ମଧ୍ୟରୁ ବିଜେପି ସପକ୍ଷରେ ୭୦ରୁ ୮୦ ପ୍ରତିଶତ ଆସନ ଯାଉଥିବା ସମସ୍ତ ଏକଜିଟ୍ ପୋଲ୍ ସର୍ଭେ ଉଲ୍ଲେଖ କରିଛି । ଇଣ୍ଡିଆ ଟିଭି-ସିଏନଏକ୍ସର ଏକଜିଟ୍ ପୋଲ ଅନୁସାରେ ଓଡିଶାରେ ବିଜେପିକୁ ୧୫ରୁ ୧୭ ସିଟ୍, ବିଜେଡିକୁ ୪ରୁ ୬ ଓ କଂଗ୍ରେସକୁ ଗୋଟିଏ ସିଟ୍ ମିଳିବ ।ସେହିପରି 'ଜନ କି ବାତ୍ ' ସର୍ଭେ ରିପୋର୍ଟ ଅନୁସାରେ ବିଜେପିକୁ ୧୫-୧୮ଟି ଓ ବିଜେଡିକୁ ୩-୭ଟି ଲୋକସଭା ସିଟ୍ ମିଳିବ । କଂଗ୍ରେସ ଏଠାରେ ଖାତା ଖୋଲିପାରିବ ନାହିଁ ।ସେହିପରି ନ୍ୟୁଜ୍ ?-୨୪ ଚାଣକ୍ୟ ଆକଳନ ଅନୁସାରେ ବିଜେପିକୁ ୧୬ଟି, ବିଜେଡିକୁ ୪ଟି ଓ କଂଗ୍ରେସକୁ ଗୋଟିଏ ସିଟ୍ ମିଳିବ ।

ଭୁବନେଶ୍ୱରରେ ବିଜେପି-ବିଜେଡି ମଧ୍ୟରେ ହେବ କଡ଼ା ଟକ୍କର

ଭୁବନେଶ୍ୱର,୧।୬(ପି.ଏନ):ବୁଥ୍ ବାହୁଡ଼ା ମତରେ ଓଡ଼ିଶାର ସ୍ପଷ୍ଟ ଚିତ୍ର ମିଳିଛି । ୨୦୨୪ରେ ବିଜେଡିର ହେବ ବିଶାଳ ବିଜୟ । ସକାଳ-ନନ୍ଦିଘୋଷ ଏକଜିଟ ପୋଲରେ ତଥ୍ୟରେ ବିଜେଡିକୁ ମିଳୁଛି ବିପୁଳ ଜନମତ । ୧୧୭ ବିଧାନସଭା ଆସନରେ ଜିତିବ ବିଜୁ ଜନତା ଦଳ । ବିଜେପିକୁ ମାତ୍ର ୧୧ଟି ବିଧାନସଭା ଆସନ ମିଳିବାକୁ ଥିବାବେଳେ କଂଗ୍ରେସ ଓ ଅନ୍ୟ ଦଳକୁ ମିଳିବ ମାତ୍ର ୩ଟି ବିଧାନସଭା ଆସନ । ତେବେ ୧୬ଟି ବିଧାନସଭା ଆସନରେ କଡ଼ା ଟକ୍କର ହେବା ନେଇ ଆଭାସ ମିଳୁଛି । ଲୋକସଭାରେ ମଧ୍ୟ ଓଡ଼ିଶାବାସୀଙ୍କ ଭରସା ଜିତିଛି ବିଜେଡି । ୨୧ ଲୋକସଭା ଆସନରୁ ବିଜେଡିକୁ ୧୧ଟି ଲୋକସଭା ଆସନ ମିଳିବା ନେଇ ସ୍ପଷ୍ଟ ଚିତ୍ର ଆସୁଛି । କୋରାପୁଟ, ବ୍ରହ୍ମପୁର, ଆସ୍କା, କନ୍ଧମାଳ ଲୋକସଭା ଆସନ ବିଜେଡି ଜତୁଥିବାବେଳେ ଢେଙ୍କାନାଳ, କଟକ, ମୟୂରଭଞ୍ଜ, ଭଦ୍ରକ ଲୋକସଭା ମଧ୍ୟ ନିଜ ପକେଟକୁ ଆଣିବାକୁ ସକ୍ଷମ ହେଉଛି । ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁରେ ବିଜେଡି ଜିତିବ । ବିଜେପି କେବଳ ୬ଟି ଲୋକସଭା ଆସନରେ ପଦ୍ମ ଫୁଟାଇପାରିବ । ନବରଙ୍ଗପୁର, କଳାହାଣ୍ଡି, ବରଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ପୁରୀ ଲୋକସଭା ଆସନରେ ବାଜିମାତ କରୁଛି ବିଜେପି । କଂଗ୍ରେସ ଗୋଟିଏ ବି ଲୋକସଭା ଆସନ ଜିତୁନି । ତେବେ ୪ଟି ଲୋକସଭା ଆସନରେ କଡ଼ା ଟକ୍କର ହେଉଛି । ବଲାଙ୍ଗୀର, ସମ୍ବଲପୁର ଲୋକସଭାରେ ବିଜେପି-ବିଜେଡି କଡ଼ା ଟକ୍କର ହେଉଛି । ଭୁବନେଶ୍ୱରରେ ବିଜେପି-ବିଜେଡି କାଣ୍ଟେ କା ଟକ୍କର ଦେଖିବାକୁ ମିଳିବ । କିନ୍ତୁ ଉତ୍ତରର ହାଇପ୍ରୋଫାଇଲ ସିଟ ବାଲେଶ୍ୱରରେ ତ୍ରିମୁଖୀ ଲଢେଇ ସ୍ପଷ୍ଟ ।

ଇଭିଏମ୍ ଅଚଳ ଓ ହିଂସାକାଣ୍ଡ ମଧ୍ୟରେ ସରିଲା ଶେଷ ପର୍ଯ୍ୟାୟ ଭୋଟ୍: ମତଦାନ ହାର ୬୬%

ଭୁବନେଶ୍ୱର,୧।୬(ପି.ଏନ): ଆଜି ରାଜ୍ୟରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଦାନ ଶେଷ ହୋଇଛି। ଶେଷ ପର୍ଯ୍ୟାୟ ନିର୍ବାଚନରେ ଆଜି ୬ଟି ଲୋକସଭା ଆସନ ଓ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନରେ ମତଦାନ ହୋଇଛି ଓ ମତଦାନ ହାର ପ୍ରାୟ ୬୫.୯୧ ପ୍ରତିଶତ ରହିଛି । ଅବଶ୍ୟ ଏହି ମତଦାନ ହାର ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଶେଷ ପର୍ଯ୍ୟାୟ ଭୋଟରେ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ, ମାରପିଟ୍ ଓ ଇଭିଏମ୍ ମେସିନ୍ ଅଚଳର ଅଭିଯୋଗ ହୋଇଛି । ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡିଛି ଯେ, ରାଜ୍ୟରେ ଶେଷ ପର୍ଯ୍ୟାୟରେ ମତଦାନ ହାର ୬୫.୯୧ ପ୍ରତିଶତ ରହିଛି । ରାତି ୯ଟା ୪୫ମିନିଟ୍ ସୁଦ୍ଧା ନିର୍ବାଚନ କମିଶନଙ୍କ ଆପ୍ ଅନୁସାରେ ଶେଷ ପର୍ଯ୍ୟାୟରେ ହାରାହାରି ମତଦାନ ପ୍ରାୟ ୬୫.୯୧ ପ୍ରତିଶତ ଥିବାବେଳେ ସେଥିରେ ଜଗତସିଂହପୁର ଲୋକସଭା କ୍ଷେତ୍ରରେ ସର୍ବାଧିକ ୭୩.୦୬% ଓ ଭଦ୍ରକରେ ସର୍ବନିମ୍ନ ୫୮.୨୧% ରହିଛି । ସେହିପରି ବାଲେଶ୍ୱରରେ ୬୬.୦୭%, ଯାଜପୁରରେ ୬୭.୬୫%, କେନ୍ଦ୍ରାପଡାରେ ୬୬.୬୨% ଓ ମୟୂରଭଞ୍ଜରେ ପ୍ରାୟ ୬୪.୧୭% ମତଦାନ ହୋଇଥିବା ଜଣାପଡିଛି । ଅବଶ୍ୟ ଏହି ମତଦାନ ହାର ଆସନ୍ତାକାଲି ଅଧିକ ହେବାର ସମ୍ଭାବନା ରହିଛି।

କେଉଁ ରାଜ୍ୟରେ କେତେ ଆସନ ଜିତିବ ବିଜେପି ?

ଭୁବନେଶ୍ୱର,୧।୬(ପି.ଏନ):ନିର୍ବାଚନ ସରିବା ସହ ଆସି ଯାଇଛି ଏକଜିଟ ପୋଲ ରେଜଲ୍ଟ। ଜାତୀୟସ୍ତରର ଗଣମାଧ୍ୟମ କରିଥିବା ସର୍ଭେ କହୁଛି ଯେ ବିଜେପି କେନ୍ଦ୍ରରେ ହ୍ୟାଟ୍ରିକ ମାରିବାକୁ ଯାଉଛି। ସେହିପରି କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡିକୁ କ୍ଷମତାକୁ ଆସିବା ପାଇଁ ଆହୁରି ୫ ବର୍ଷ ଅପେକ୍ଷା କରିବାକୁ ପଡିବ। ଅଧିକାଂଶ ଏକ୍ସଜିଟ ପୋଲରୁ ସ୍ପଷ୍ଟ ହୋଇଛି ଯେ ବିଜେପି ୨୦୧୯ ଭଳି ୨୦୨୪ରେ ମଧ୍ୟ ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ, ଛତିଶଗଡ, ହରିଆଣା ଓ ଦିଲ୍ଲୀର ପ୍ରାୟ ସମସ୍ତ ଆସନରେ ବିଜେପି ଭଲ ପ୍ରଦର୍ଶନ କରିବ।

ଟି ଟାଇମ୍

ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟତ୍ତ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତତ୍ତ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜତ୍ତ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫତ୍ତ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକତ୍ତ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡତ୍ତ କରିଥିଲେ।

ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

ଲାଭଦାୟକ ୱେବ୍‌ସାଇଟ୍

ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

ପୁରାଣ କାହାଣୀ

ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ତ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ତ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ତ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ତଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ତ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ତ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ତ୍ତଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

୨୮ ବର୍ଷ ପରେ ସନ୍ତାନ

ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରଥମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁତ୍ତଲେ । ଧୀରେ ଧୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସଯରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଭ୍‌ଗର ଗୋଟିଏ ଛୋଟ ବିଡ଼ା ଅଛି ।

ଭୋଡକା ନେଲା ଜୀବନ

ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ

ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଙ୍ଗୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

ଆଜିର ଭାଗ୍ୟ

ମେଷ — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

ବୃଷ — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

ମିଥୁନ — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

କର୍କଟ — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

ସିଂହ — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

କନ୍ୟା — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

ତୁଳା — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

ବିଛା — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

ଧନୁ — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

ମକର — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

କୁମ୍ଭ — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

ମୀନ — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ

-ଦୁର୍ଗୋତ୍ସବ: ନବଦୁର୍ଗା-

"ଦୁର୍ଗତିକୁ ଯେଣୁ କରିପାରନ୍ତି ସେ ଦୂର/ତେଣୁ କରି ଦୁର୍ଗା ନାମ ଅଟଇ ତାଙ୍କର ।।"

—ଚଣ୍ଡୀ ପୁରାଣ ।

ଦୁର୍ଗତି ନାଶ କରୁଥିବାରୁ ମା' ଆଦ୍ୟାଶକ୍ତି ଜଗଜ୍ଜନନୀଙ୍କୁ ଦୁର୍ଗା ବୋଲି କୁହାଯାଏ । ପୁରାଣମତେ ସେ ଆଦ୍ୟାଶକ୍ତି ମା' ଦୁର୍ଗା ନାମକ ଅସୁରକୁ ବଧ କରିଥିବାରୁ, ତା' ନାଁ ନେଇ ଦୁର୍ଗା । ତେବେ ଯାହାହେଉ ଦୁଷ୍ଟ ନିବାରି ସନ୍ତୁପାଳୁ, ତୁ ନାଥ ପରମ ଦୟାଳୁ ପରି ଏ ମା' ହେଉଛନ୍ତି ସକଳ ଦୁଃଖ, ଶୋକ, ଯନ୍ତ୍ରଣା, ଶତ୍ରୁଭୟ ଏବଂ ସମସ୍ତ ଅନିଷ୍ଟକାରୀ ଶକ୍ତିର ଦମନକାରୀ । ଅନ୍ୟପକ୍ଷରେ ସକଳ ଅଭୀପ୍ସା ବା ସିଦ୍ଧିପ୍ରଦାନକାରୀ ତଥା ପରଜଗତରେ ପରମ ପାଦ ଲାଭ କରିବାର ଏକମାତ୍ର ପଥ । ମା'ର କରୁଣା ଥିଲେ କ'ଣ । ସାଧନ ନହୁଏ ଏ ଜଗତେ ।

ସେହି କରୁଣା ପାଇଁ ମା'ର ପୂଜା ଏହି ଶାରଦୀୟ ଅବସରରେ ଆଶ୍ୱିନ ପ୍ରତିପଦାଠାରୁ ନବଦିନ ବ୍ୟାପୀ ମା'ର ବିଭିନ୍ନ ସ୍ୱରୂପ ବା ବିଗ୍ରହକୁ ପୂଜା କରାଯାଏ । ଦଶହରା ଦିନ ପୂଜାର ପୂର୍ଣ୍ଣାହୂତି କରାଯାଏ । ମା' ତାଙ୍କ ସ୍ୱରୂପରେ ନବରୂପ । ପ୍ରତିଦିନ ଗୋଟିଏ ସ୍ୱରୂପ ପୂଜା ହୁଏ । ଶ୍ରୀଚଣ୍ଡୀରେ ତାଙ୍କ ସ୍ୱରୂପକୁ ଏହି ରୂପେ ବର୍ଣ୍ଣନା କରାଯାଇଛି :

"ପ୍ରଥମଂ ଶୈଳ ପୁତ୍ରୀଃ, ଦ୍ୱିତୀୟଂ ବ୍ରହ୍ମଚାରିଣୀ
ତୃତୀୟଂ ଚନ୍ଦ୍ର ଘ□ତି, କୁଷ୍ମାଣ୍ଡତି ଚତୁର୍ଥମ୍ ।।
ପ□ମଂ ସ୍କନ୍ଦମାତାତି, ଷଷ୍ଠଂ କତ୍ୟାୟନୀତି ଚ
ସପ୍ତମଂ କାଳରାତ୍ରିତି, ମହାଗୌରୀ ରୁଷ୍ଟମମ୍,
ନବଂ ସିଦ୍ଧଦାତ୍ରୀଚ ନବଦୁର୍ଗା ପ୍ରକ□ିତା ।।"

ଅର୍ଥାତ୍ ଯଥାକ୍ରମେ ମା' ଶୈଳପୁତ୍ରୀ, ବ୍ରହ୍ମଚାରିଣୀ ଚନ୍ଦ୍ରଘ ।, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଏବଂ ସିଦ୍ଧଦାତ୍ରୀ ରୂପେ ପୂଜା ପାଆନ୍ତି । ଏହି ରୂପମାନଙ୍କରେ କାହାର କାହା ସହିତ ସାମଞ୍ଜସ୍ୟ ନଥାଏ । ବିଚାରକୁ ନେଇ ପୂଜନ ଓ 'ଳ ସିଦ୍ଧ ଉଦ୍ଦିଷ୍ଟ ଅଛି ।

ପ୍ରଥମ ଦିବସ ନବଦିନ ପୂଜନରେ ମା' ଶୈଳପୁତ୍ରୀ ପୂଜା ହୁଆନ୍ତି । ଏହି ଦିବସରେ ତାଙ୍କର ସ୍ୱରୂପ ବିଷୟରେ ଏମିତି କୁହାଯାଇଛି :

"ବନ୍ଦେ ବା□ିତ ଲାଭାୟ ଚନ୍ଦ୍ରାର୍ଦ୍ଧକୃତ ଶେଖରମ୍ ।
ବୃଷାରୁଢ଼ା ଶୂଳଧରାଂ ଶୈଳପୁତ୍ରୀ ଯଶସ୍ୱିନୀମ୍ ।।"

ସେ ପର୍ବତରାଜ ହିମାଳୟଙ୍କ କନ୍ୟା ହେତୁ ଶୈଳପୁତ୍ରୀ । ତାଙ୍କର ବାହାନ ବୃଷଭ, ବୃଷଭ ପୃଷ୍ଠରେ ଆସୀନ ବେଳେ ତାଙ୍କ ଡାହାଣ ହାତରେ ତ୍ରୀଶୁଳ ଏବଂ ବାମହାତରେ ପଦ୍ମପୁଷ୍ପ ଶୋଭାପାଉଥାଏ ।

ଦ୍ୱିତୀୟ ଦିବସ ପୂଜନରେ ସେ ବ୍ରହ୍ମଚାରିଣୀ ରୂପେ ପୂଜା ପାଆନ୍ତି । ଏହି ସ୍ୱରୂପରେ ସେ ପୂର୍ଣ୍ଣ ଜ୍ୟୋତିର୍ମୟ ଏବଂ ଅତ୍ୟନ୍ତ ଭବ୍ୟ । ଏହାଙ୍କର ଡାହାଣ ହସ୍ତରେ ଜପାମାଳା ଏବଂ ବାମ ହାତରେ କମଣ୍ଡଳୁ ଥାଏ ।

"ଦଧାନା କରପଦମାଭ୍ୟାମକ୍ଷମାଳାକମଣ୍ଡଳୁ,
ଦେବୀ ପ୍ରସୀଦତୁ ମୟି ବ୍ରହ୍ମଚାରିଣୀ ନୂ□ମା ।।"

ତୃତୀୟ ଦିବସରେ ସେ ଚନ୍ଦ୍ର ଘ । ଭାବେ ପୂଜିତା । ଏହାଙ୍କ ବାହନ ବ୍ୟାଘ୍ର । ଦେବୀଙ୍କ ମଥାରେ ଘ ।କାର ଅର୍ଦ୍ଧଚନ୍ଦ୍ର ହେତୁ ଚନ୍ଦ୍ରଘ ।, ଶରୀରର ରଂଗ ସୁବର୍ଣ୍ଣପରି, ଏ ଦେବୀଙ୍କର ଦଶହାତ ଏବଂ ଏହି ହସ୍ତମାନଙ୍କରେ ଯଥାକ୍ରମେ ଖଡ଼ଗ, ବାଣ, ଅସ୍ତ୍ର ଏବଂ ଶସ୍ତ୍ର ଇତ୍ୟାଦି ଶୋଭାପାଉଥାଏ । ଦେବୀ ଭୟାନକ ଏବଂ ଯୁଦ୍ଧମୁଦ୍ରାରେ ସଦାବେଳେ ଥାଆନ୍ତି ।

"ପିଣ୍ଡଜଗ୍ରବରାରୁଢ଼ା ଚଣ୍ଡକୋପାସତ୍ର କୈର୍ଯୁତା ।
ପ୍ରସାଦଂ ତଳୁତେ ମହାଂ ଚନ୍ଦ୍ରଘ□ତ ବିଶ୍ରୁତା ।।"

ଚତୁର୍ଥ ଦିବସରେ ଦେବୀ କୁଷ୍ମାଣ୍ଡା ରୂପେ ପୂଜିତା । ନିଜ ମନ୍ଦ ହାସ୍ୟରୁ ବ୍ରହ୍ମାଣ୍ଡ ସୃଷ୍ଟି କରିଥିବାରୁ ଏବଂ ଦେବୀ ପାଣିକଥାରୁ (କୁଷ୍ମାଣ୍ଡା)କୁ ପ୍ରିୟବଳି ରୂପେ ଗ୍ରହଣ କରିଥିବାରୁ ଦେବୀଙ୍କ ନାମ ଏପରି ରଖାଯାଇଛି । ଦେବୀଙ୍କ ନିବାସ ସୂର୍ଯ୍ୟ ମଣ୍ଡଳ ହେତୁ, ତେଜସ୍ୱିନୀ । ତାଙ୍କର ବାହନ ବ୍ୟାଘ୍ର, ସେ ଅଷ୍ଟଭୂଜା, ଏହାଙ୍କର ସାତହସ୍ତରେ ଯଥାକ୍ରମେ କମଣ୍ଡଳୁ, ଧନୁ, ବାଣ, ପଦ୍ମଫୁଲ, କଳସ, ଚକ୍ର ତଥା ଗଦା ଥାଏ । ଅଷ୍ଟମ ହସ୍ତରେ ଦାନକାରୀ ସବୁସିଦ୍ଧର ଜପାମାଳା ।

"ସୁରା ସଂପୂର୍ଣ୍ଣ କଳଶଂ ରୁଧିରାପ୍ଲୁତ ମେବ ଚ ।
ଦଧାନା ହସ୍ତପଦମାଭ୍ୟାଂ କୁଷ୍ମାଣ୍ଡ ଶୁଭାଦସ୍ତୁ ମେ ।।"

ପ ମ ଦିବସରେ ଦେବୀ ସ୍କନ୍ଦମାତା ଭାବେ ପୂଜା ପାଆନ୍ତି । ସେ ଭଗବାନ ସ୍କନ୍ଦଙ୍କର (କା ିକେୟ) ମାତା ହେତୁ ସେ ଏହି ନାମରେ ଅଭିହିତା । ତାଙ୍କର ବାହନ ସିଂହ, ତାଙ୍କ କୋଳରେ ଭଗବାନ ବାଳସ୍କନ୍ଦ । ସେ ଚତୁର୍ଭୁଜା । ତାଙ୍କର ଡାହାଣ ଉପର ହସ୍ତରେ ବାଲୁକ ସ୍କନ୍ଦକୁ କୋଳାଗ୍ରହ କରି ଧରିଛନ୍ତି । ତଳ ହାତଟିରେ ପଦ୍ମଫୁଲ, ବମପଟର ଉପର ହସ୍ତ ବରମୁଦ୍ରାରେଏବଂ ତଳହସ୍ତରେ ସେହି ପଦ୍ମପଷ୍ପ ଧାରଣ କରିଛନ୍ତି ।

"ସିଂହାସନଗତା ନିତ୍ୟଂ ପଦମାଶ୍ରିତ କର ଦ୍ୱୟା
ଶୁଭଦାସ୍ତୁ ସଦାଦେବୀ ସ୍କନ୍ଦମାତା ଯଶସ୍ୱିନୀ ।।"

ଷଷ୍ଠ ଦି ବସରେ ମା' କାତ୍ୟାୟନୀ ରୂପେ ପୂଜିତା । ତାଙ୍କର ବାହନ ସିଂହ । ସେ ମହର୍ଷି କାତ୍ୟାୟନୀଙ୍କ ଘରେ ଆବିର୍ଭୁତା ହେତୁ ତାଙ୍କ ନାମ କାତ୍ୟାୟନୀ । ଏ ଦେବୀଙ୍କ ଡାହାଣପଟର ଉପର ହସ୍ତଟି ଅଭୟ ମୁଦ୍ରାରେ ଏବଂ ତଳହସ୍ତଟି ବରମୁଦ୍ରାରେ, ଏବଂ ବାମପଟ ଉପର ହାତରେ ତଲୱାର ଏବଂ ଦକ୍ଷିଣ ହସ୍ତରେ ପଦ୍ମଫୁଲ, ଏ ଦେବୀଙ୍କର ରଂଗ ସୁବର୍ଣ୍ଣପରି ।

"ଚନ୍ଦ୍ରହାସୋ ଉଜ୍ଜ୍ୱଳକରା ଶାର୍ଦ୍ଦୁଳବର ବାହନା,
କାତ୍ୟାୟନୀ ଶୁଭଂ ଦଧାଦେବୀ ଦାନବ ଘାତିନୀ ।"

ସପ୍ତମ ଦିବସରେ ମା' କାଳରାତ୍ରିରୂପେ ପୂଜା ପାଆନ୍ତି । ଦେବୀ ରଂଗରେ ଘନ ଅନ୍ଧକାରଠୁ ଆହୁରି କଳା । ରୂପରେ ଭୟଙ୍କରୀ । ବିକ୍ଷିପ୍ତ କେଶା । ତିନି ନେତ୍ର । ବ୍ରହ୍ମାଣ୍ଡପରି ଗୋଲ । ଦେବୀଙ୍କର ବାହନ ହେଉଛନ୍ତି ଗଧ । ମା' ଚତୁର୍ଭୁଜା । ଉପରକୁ ଉଠିଥିବା ଡାହାଣ ହାତଟି ବରମୁଦ୍ରା ଓ ନିମ୍ନ ହସ୍ତଟି ଅଭୟ ମୁଦ୍ରାରେ ଥାଏ ।

ଉପର ବାମ ହାତରେ ଲୁହାର କ କତ ଅସ୍ତ୍ର ଏବଂ ନିମ୍ନ ହସ୍ତରେ ଖଡ଼ଗ ଥାଏ । ରଂଗରେ କଳା ଓ ରାତ୍ରିରେ ଭୟ ହେତୁ କାଳରାତ୍ରି ବୋଲି ନାମିତ ଅଥଚ ସେ ଶୁଭଙ୍କରୀ ଏବଂ ରକ୍ଷାକବଚ । ଶ୍ରୀ ଚଣ୍ଡୀରେ ମା'ଙ୍କର ରୂପ ବର୍ଣ୍ଣନା ଏହିପରି: ***"ଏକବେଣୀ ଜପାବର୍ଣ୍ଣପୁରା ଖରାସ୍ଥିତା/***
ଲମ୍ବୋଷ୍ଠୀ କର୍ଣ୍ଣିକାକର୍ଣ୍ଣା ତୈଳାଭକ୍ତ ଶରୀରିଣୀ ।।
ବାମପାଦୋ, ଲ୍ଲସଲ୍ଲୋହଲତା କ□କ ଭୂଷଣ/ବର୍ଦ୍ଧନ
ମୂର୍ଧ୍ୱଜା କୃଷ୍ଣୀ କାଳରାତ୍ରି ଭୟଙ୍କରୀ ।।"

ଅଷ୍ଟମ ଦିବସରେ ମା' ମହାଗୌରୀ ରୂପେ ପୂଜା ପାଆନ୍ତି । ଶିବଙ୍କୁ ପାଇବା ନିମନ୍ତେ ପୂର୍ବ ଜନ୍ମର ତପସ୍ୟାରେ ଖରାରେ, ତରାରେ, ଶିତକାକର ସହିସହି ମା' ଅତି ପତଳା ଓ କଳା ପଡ଼ିଯାଇଥିଲେ । ଶିବଙ୍କ ବର ଲାଭପରେ ଶିବ ତାଙ୍କୁ ପବିତ୍ର ଗଙ୍ଗାଜଳରେ ଧୌତ କରାଇ ଦେବାରୁ ସେ ଗୋରାପାଲଟି ଗଲେ । ଏଣୁ ଗୌରୀ ବା ମହାଗୌରୀ । ଏଦେବୀଙ୍କର ଆୟୁକାଳ ଆଠବର୍ଷ । ବାହନ-ବୃଷଭ । ଚତୁର୍ଭୁଜା । ଡାହାଣପଟର ଉପରହସ୍ତ ଅଭୟ ମୁଦ୍ରା ଓ ନିମ୍ନ ହସ୍ତରେ ତ୍ରିଶୁଳ ଥାଏ । ବାମର ଉପର ହସ୍ତରେ ଡମ୍ବରୁ ଓ ନିମ୍ନ ହସ୍ତଟି ବରମୁଦ୍ରା । ଏହାଙ୍କ ବସ୍ତ୍ର ଓ ଅଳଙ୍କାର ସବୁ ଶୁଭ୍ର । ଦେବୀ ଶାନ୍ତରୂପୀ ଶୁଭଙ୍କରୀ ।

"ରେବେତ ବୃଷେ ସମାରଢ଼ା ଶ୍ୱେତାମ୍ବରୀ ଶୁଚିଃ ।
ମହାଗୌରୀ ଶୁଭଂ ଦ୍ଦନ୍ଦ ମହାଦେବ ପ୍ରମୋଦଦା ।।"

ନବମ ଦିବସରେ ମା' ସିଦ୍ଧଦାତ୍ରୀ ଭାବେ ପୂଜା ପାଆନ୍ତି । ସେ ସକଳ ସିଦ୍ଧିର ମୂଳ । ଏଣୁ ସିଦ୍ଧଦାତ୍ରୀ । ମାର୍କେଣ୍ଡୟ ପୁରାଣ ମତେ ସେ ଆଠ ପ୍ରକାର ସିଦ୍ଧପ୍ରଦାନ କରନ୍ତି । ଯଥା ଅଣିମା, ମହିମା, ଗାରିମା, ଲଘିମା, ପ୍ରାପ୍ତି, ପ୍ରାକାଭ୍ୟ, ଇଶିତ୍ୱ ଏବଂ ବଶିତ୍ୱ ଇତ୍ୟାଦି । ବ୍ରହ୍ମ ବୈବ ର୍ତ ପୁରାଣରେ ଏସବୁନେଇ ଅଠରଟି ସିଦ୍ଧିର ଆଧାର । ଦେବୀଙ୍କର ବାହନ ସିଂହ । ସେ ଚର୍ତୁଭୁଜା, ପଦ୍ମଫୁଲ ଉପରେ ଆସୀନ । ଡାହାଣ ଉପର ହସ୍ତରେ ଗଦା ଓ ତଳ ହସ୍ତରେ ଚକ୍ର ଏବଂ ବାମପଟ ଉପର ହସ୍ତରେ ପଦ୍ମପୁଷ୍ପ ଓ ତଳହସ୍ତରେ ଶଂଖ । ମା' ସର୍ବସିଦ୍ଧିର ମୂଳ, ପରମପାଦର ଆଶ୍ରୟସ୍ଥଳ ।

"ସିଦ୍ଧ ଗନ୍ଧର୍ବଯକ୍ଷା ଧୌରସୁରୈରମରୈରପି
ସେବ୍ୟମାନା ସଦା ଭୂୟାତ୍ ସିଦ୍ଧଦା ସିଦ୍ଧିଦାୟିନୀ ।
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ।।"

ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ-ମହାତ୍ମାଗାନ୍ଧି

ପୁଣ୍ୟ ଭୂମି ଭାରତ । ଏଠାରେ ଅନେକ ଧର୍ମ, ସମ୍ପ୍ରଦାୟ, ଜାତି, ବର୍ଣ୍ଣ ଓ ବିଭିନ୍ନ ଭାଷାର ଲୋକ ବସବାସ କରନ୍ତି । ଏହି ପବିତ୍ର ଭୂମିରେ ଯେଉଁ କେତୋଟି ଉଜ୍ଜ୍ୱଳ ଜ୍ୟୋତିଷ୍କ ଉଦ୍‌ଭାସିତ ହୋଇ ସମଗ୍ର ବିଶ୍ୱକୁ ଦେଖାଇଥିଲେ ସତ୍ୟ, ଶାନ୍ତି, ଦୟା, କ୍ଷମା,ତ୍ୟାଗ ଓ ଅହିଂସାର ପଥ, ସେମାନଙ୍କ ମଧ୍ୟରୁ ସତ୍ୟ ଓ ଅହିଂସାର ପୂଜାରୀ, ଦୀନ ଦୁର୍ବଳର ବନ୍ଧୁ, ସ୍ୱାଧୀନ ଭାରତର ସ୍ରଷ୍ଟା, ଜାତିର ଜନକ, ଯୁଗ ମାନବ ମହାତ୍ମାଗାନ୍ଧି ୧୮୬୯ ଖ୍ରୀଷ୍ଟାବ୍ଦ, ଅକ୍ଟୋବର ଦୁଇ ତାରିଖରେ ଗୁଜରାଟର ପୋରବନ୍ଦରଠାରେ ଏକ ବୈଶ୍ୟ ବଣିକ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଜନ୍ମ ସମୟରେ ମହାତ୍ମା ଗାନ୍ଧିଙ୍କର ନାମ ଥିଲା 'ମୋହନ ଦାସ କରମଚାନ୍ଦ ଗାନ୍ଧି' । ପିତା କରମଚାନ୍ଦ (କାବା) ଗାନ୍ଧି ଓ ମାଆଙ୍କର ନାମ ଥିଲା ପୁତ୍‌ଲୀବାଈ । କାବା ଗାନ୍ଧୀଙ୍କର ତିନୋଟି ସ୍ତ୍ରୀ ମରିଯିବା ପରେ ପୁତ୍‌ଲୀବାଇ ଥିଲେ ଚତୁର୍ଥ ସ୍ତ୍ରୀ । ପୁତ୍‌ଲୀବାଇଙ୍କର ଚାରୋଟି ସନ୍ତାନ ମଧ୍ୟରୁ ମୋହନ ଥିଲେ ସବାସାନ । କାବା ଗାନ୍ଧି ଥିଲେ ସାଧୁ ଓ ନୀତିନିଷ୍ଠ । ପୁତ୍‌ଲୀବାଈ ଥିଲେ ଧର୍ମପରାୟଣା, ସ୍ନେହବତ୍ସଳା, ତ୍ୟାଗମୟୀ ମାତା । ପିତାମାତାଙ୍କର ଏହିସବୁ ସଦ୍‌ଗୁଣାବଳି ଦ୍ୱାରା ମୋହନ ଦାସ ପ୍ରଭାବିତ ହୋଇଥିଲେ । ସମୟକ୍ରମେ ମୋହନଦାସ ହେଲେ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ । ସତ୍ୟ, ଅହିଂସା ମହାମନ୍ତ୍ରରେ କାଶ୍ମୀରଠାରୁ କୁମାରୀକାଯାଏ ଭାରତୀୟମାନଙ୍କୁ ଏକତ୍ରିତ କରିପାରିଥିଲେ । ଗାନ୍ଧିଜୀଙ୍କ ବଂଶ ବିଭିନ୍ନ ରାଜ୍ୟରେ ଦେୱାନ ଭାବରେ କାମ କରୁଥିଲେ । ମୋହନ ଦାସ ପ୍ରଥମ ଲୁଲିଆ ମାଷ୍ଟ୍ରଙ୍କ ଚାଟଶାଳିରେ ପାଠପଢା ଆରମ୍ଭ କଲେ । ତା'ପରେ ବ୍ରାଂଚ ସ୍କୁଲରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପଢିଲେ । ୧୮୮୦ ମସିହାରେ ତାଲୁକ ସ୍କୁଲରୁ ପାଶ୍ କରି କାଥିଆୱାଡ଼ର୍ ହାଇସ୍କୁଲରେ ପାଠ ପଢିଲେ । ସେ ଭଲ ପାଠ ପଢୁନଥିଲେ ମଧ୍ୟ ଉତମ ଚରିତ୍ର ପାଇଁ ଶିକ୍ଷକମାନଙ୍କ ଶୁଭ ଦୃଷ୍ଟିରେ ରହିଥିଲେ । ଏକଦା ଇନିସ୍ପେକ୍ଟର ସ୍କୁଲ ପରିଦର୍ଶନରେ ଆସିଥିଲେ । ପ୍ରଧାନଶିକ୍ଷକ ଗାନ୍ଧିଙ୍କୁ ପାଖ ପିଲାଠାରୁ ଠିକ୍ ଉତର ଲେଖିବା ପାଇଁ ଯେତେ ଠାରିଲେ ମଧ୍ୟ ଗାନ୍ଧି କପି କରିନଥିଲେ । କାରଣ ତାଙ୍କ ଉପରେ ଶ୍ରବଣ କୁମାର ଓ ହରିଶ୍ଚନ୍ଦ୍ରଙ୍କର ନିଷ୍ଠା, ତ୍ୟାଗ, ସତ୍ୟର ପ୍ରଭାବ ପଡ଼ିଥିଲା । ପିଲା ସମୟରେ ସେ ସାଙ୍ଗମାନଙ୍କ ସାଙ୍ଗରେ ପଡ଼ି ବିଡ଼ି ଟାଣିବା ଅଭ୍ୟାସ ପ୍ରତିଜ୍ଞା ବଳରେ ଛାଡ଼ି ପାରିଥିଲେ । ପରବର୍ତୀ ସମୟରେ ନିଶାମୁକ୍ତ ସୁସ୍ଥ ସମାଜ ଗଠନ ପାଇଁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ । ମୁସଲମାନ ସାଙ୍ଗ ପ୍ରରୋଚନାରେ ଥରେ ମାଂସ ଖାଇଥିଲେ । ମାତ୍ର ମୋହନ ଜୀବନରେ ଆଉ କେବେ ଆମିଷ ଛୁଇଁ ନଥିଲେ । ମୋହନଙ୍କର ଠିକ୍ ସାତବର୍ଷ ବେଳେ କସ୍ତୁରୀବାଇଙ୍କ ସହିତ ନିର୍ବନ୍ଧ ଓ ତେରବର୍ଷ ବୟସରେ ବିବାହ ହୋଇଥିଲା । ପର ଅବସ୍ଥାରେ ସେ ବାଲ୍ୟବିବାହ ସମାଜରୁ ଉଠାଇବାକୁ ଅନେକ ଉଦ୍ୟମ କରିଥିଲେ । ଛୋଟ ବେଳରୁ ମୋହନ ଖୁବ ଡରକୁଳା ଥିଲେ । ଭୂତପ୍ରେତ, ଚୋର, ଡକାୟତ ଓ ଅନ୍ଧାରକୁ ବହୁତ ଭୟ କରୁଥିଲେ । ରାମନାମ ଜପକଲେ ସବୁ ଭୟଭ୍ରାନ୍ତି ଓ ସଙ୍କଟ ଦୂର ହୋଇଯାଏ ବୋଲି ଧାଈ ମା' ରମ୍ଭାଠାରୁ ସେ ଶିକ୍ଷା କରିଥିଲେ । ସେହିଦିନଠାରୁ ସେ ରାମାୟଣ ଶୁଣିବାକୁ, ରାମ ନାମ ଜପ କରିବାକୁ ଭଲ ପାଉଥିଲେ ।

ପିତାଙ୍କର ମୃତ୍ୟୁ ପରେ ମୋହନ ବାପ ଛେଉଣ୍ଡ ହୋଇଗଲେ । ତାଙ୍କର କାମ ଓ ଆଚରଣରେ ବହୁତ ପରିବର୍ତନ ଘଟିଲା । ମନଲଗାଇ ପାଠ ପଢି ୧୮୮୭ ମସିହାରେ ବମ୍ବେ ବିଶ୍ୱବିଦ୍ୟାଳୟରୁ ମାଟ୍ରିକ ପାସ୍ କରି ବୃତି ପାଇଲେ । ଭାବନଗରସ୍ଥ ସାମଲ ଦାସ କଲେଜରେ ନାମ ଲେଖାଇଲେ । ସେଠାରେ ସେ ଇଂରାଜୀରେ ପାଠ ପଢିବାକୁ ଭୟ କଲେ । ପାଠପଢି ପାସ୍ କଲେ ମଧ୍ୟ ଚାକିରି ମିଳିବା କଷ୍ଟ, ତେଣୁ ସେ ଲଣ୍ଡନ ଯାଇ ତିନିବର୍ଷରେ ବାରିଷ୍ଟରୀ ପାସ୍ କରି ଆସିଲେ ଭଲ ଦି ପଇସା ରୋଜଗାର କରିପାରିବେ । ଗାନ୍ଧି ପରିବାରର ଜଣେ ଦି'ଜଣ ବନ୍ଧୁଙ୍କର ପୁଅ ଲଣ୍ଡନରେ ପଢୁଥା'ନ୍ତି । ତେଣୁ ଗାନ୍ଧି ଲଣ୍ଡନରେ ରହି ପାଠ ପଢିବା ପାଇଁ ମନ ବଳାଇଲେ । ପୁଅର ଲଣ୍ଡନ ଯିବାକଥାଟା ମା' ମନକୁ ପାଇଲା ନାହିଁ । ପରିଶେଷରେ ମାଆ ଗାନ୍ଧିଙ୍କୁ ମୁଣ୍ଡ ଛୁଆଁଇ ଶପଥ କରାଇନେଲେ, ତିନୋଟି କଥା ରକ୍ଷା କରିବା ପାଇଁ , ମଦ ପିଇବୁ ନାହିଁ, ମାଛ ମାଂସ ଖାଇବୁ ନାହିଁ, କୌଣସି ସ୍ତ୍ରୀ ଓ ଝିଅକୁ ଛୁଇଁବୁ ନାହିଁ । ମୋହନ ୧୮୮୮ ମସିହା ସେପ୍ଟେମ୍ବର ମାସ ୪ ତାରିଖରେ ସ୍ତ୍ରୀ କସ୍ତୁରବା ଓ ପୁଅ ହରିଲାଲକୁ ଛାଡ଼ି ବମ୍ବେ ବନ୍ଦରରୁ ଜାହାଜରେ ଲଣ୍ଡନ ଯାତ୍ରା କଲେ । ଦୀର୍ଘ ପଚିଶ ଦିନର ଯାତ୍ରା ପରେ ମୋହନ ଲଣ୍ଡନରେ ପହଂଚିଲେ । ଭିକ୍ଟୋରିଆ ହୋଟେଲେରେ ତିନିଦିନ ରହିବା ପରେ, ମୋହନ ଜଣେ ଭଦ୍ର ମହିଳାଙ୍କ ଘରେ ରହିଲେ । ସେ ଇଂରାଜୀରେ ଦୁର୍ବଳ ଥିବାରୁ ଶିକ୍ଷକଙ୍କଠାରୁ ଇଂରାଜୀ ଓ ଫରାସୀ ଶିକ୍ଷା କଲେ । ମନୋରଂଜନ ପାଇଁ ଭାୟୋଲିନ ତାଲିମ ନେଲେ । ସେଠାରେ ଆଉଥରେ ମାଟ୍ରିକ ପରୀକ୍ଷା ଦେଇ ପାଶ୍ କଲେ । ଲାଟିନ୍ ମଧ୍ୟ ଶିଖିପାରିଲେ । ତାଙ୍କର ଘର କଥା ମନେପଡ଼ିବାରୁ ସେ ସାହେବୀ ଢଙ୍ଗ ଛାଡ଼ି ଖାଣ୍ଟି ଭାରତୀୟ ହୋଇଗଲେ । ନିଜ ଧର୍ମ ସହିତ ଅନ୍ୟ ଧର୍ମକୁ ମଧ୍ୟ ସମାନ ଦୃଷ୍ଟିରେ ଦେଖୁଥିଲେ । ୧୮୯୧ ମସିହା ମେ' ମାସରେ ବାରିଷ୍ଟରୀ ପାଶ୍ କରି ଜୁନ୍ ମାସରେ ବାରିଷ୍ଟରୀ ଅନୁମତି ପତ୍ର ହାସଲ କରି ଜନ୍ମମାଟିକୁ ଫେରି ଅସିଲେ । ଜନ୍ମମାଟିରେ ପହଂଚିଲା ବେଳକୁ ତାଙ୍କ ମା ଆଉ ଇହଧାମରେ ନଥିଲେ । ସେ ନିଜକୁ ଅନେକ ଧିକ୍‌କାର କଲେ । ବଡ଼ ଭାଇ ପରିବାର ପ୍ରତିପୋଷଣ ପାଇଁ ଅନେକ ଧାର କରଜ କରିଥିଲେ । ସେସବୁର ପରିଶୋଧ ପାଇଁ ମୋହନ ଆଇନ୍ ବ୍ୟବସାୟ ଆରମ୍ଭ କଲେ । ଆଇନ୍ ବ୍ୟବସାୟରେ ଅସଫଳ ହୋଇ ଶିକ୍ଷକତା ଆରମ୍ଭ କଲେ । ଶିକ୍ଷକତା ପାଇଁ ବିଶ୍ୱବିଦ୍ୟାଳୟରେ ଡ଼ିଗ୍ରୀ ନଥିବାରୁ ସେ କିରାଣିଗିରିକୁ ଆଦରି ନେଲେ । ଅଳ୍ପ ରୋଜଗାରରେ ତାଙ୍କର ଗୁଜୁରାଣ ମେଣ୍ଟିପାରୁ ନଥିଲା । ଏହି ସମୟରେ କାଥିଆୱାଡ଼ର୍‌ର ଏକ ମୁସଲମାନ ପ୍ରତିଷ୍ଠାନ ଦକ୍ଷିଣ ଆଫ୍ରିକାରେ ବ୍ୟବସାୟ କରୁଥାଏ । ଏହି ପ୍ରତିଷ୍ଠାନର ମାଲିକ ଥିଲେ ମୂର୍ଖ, ତେଣୁ ସେ ଜଣେ ସଚ୍ଚୋଟ ସାଧୁ ଓକିଲାତି ପାଶ୍ କରିଥିବା ବ୍ୟକ୍ତିର ଆବଶ୍ୟକତା ଲୋଡୁଥିଲେ । ମୋହନ ଏହି ପ୍ରତିଷ୍ଠାନରେ ଦକ୍ଷିଣ ଆଫ୍ରିକାରେ ଏକ ବର୍ଷ ପାଇଁ ଯୋଗ ଦେଲେ । ମାତ୍ର ସେଠାରେ ସେ ବହୁବର୍ଷ ରହିଗଲେ । ୧୮୯୩ ମସିହାରୁ ଯାଇ ଫେରିଲେ ୧୯୧୪ ମସିହାରେ । ମୋହନ ଦକ୍ଷିଣ ଆଫ୍ରିକାର ନାଟାଲ ପ୍ରଦେଶର ରାଜଧାନୀ ଡ଼ର୍‌ବାନ ସହରରେ ରହୁଥିଲେ । ଥରେ ମକଦ୍ଦମା କାମରେ ମୋହନ ଟ୍ରାନ୍‌ସଭାଲର ରାଜଧାନୀ ପ୍ରିଟୋରିଆକୁ ପ୍ରଥମ ଶ୍ରେଣୀ ଟିକଟ୍ କାଟି ଡ଼ର୍‌ବାନରୁ ଟ୍ରେନ ଯାତ୍ରା ଆରମ୍ଭ କଲେ । ମରିସବର୍ଗ ଷ୍ଟେସନରେ ଜଣେ ଗୋରା ସାହେବ ରେଳ କର୍ମଚାରୀମାନଙ୍କ ଦ୍ୱାରା ମୋହନଙ୍କୁ ଡ଼ବା ତଳକୁ ଠେଲିଦେଲେ ଓ ଜିନିଷପତ୍ର ପ୍ଲାଟଫର୍ମ ଉପରକୁ ଫୋପାଡ଼ି ଦେଲେ । ମରିସବର୍ଗ ଷ୍ଟେସନର ବିଶ୍ରାମ ଗୃହର, ଏକ ଶୀତରାତ୍ରୀ ମୋହନଙ୍କ ଜୀବନର ଗତିପଥ ବଦଳାଇ ଦେଲା । ଡରକୁଳା ମୋହନ ଦୁଃସାହସୀ, ନିର୍ଭୀକ, ହୋଇଗଲେ । ସେ ଦଳିତ, ଅବହେଳିତ, ଅତ୍ୟାଚାରିତ, ସର୍ବହରାଙ୍କର ସାଥୀ, ମୁକ୍ତିଦାତା, ରକ୍ଷାକର୍ତା, ଭାଗ୍ୟବିଧାତା ହୋଇ କଳା ଲୋକମାନଙ୍କ ପାଇଁ ଲଢେଇ ଆରମ୍ଭ କରିଦେଲେ । ବ୍ୟବସାୟୀ ଅବଦୁଲ



ଭୁବନେଶ୍ୱର, ୨୦୨୪, ଜୁନ ୨

ସାବିତ୍ରୀ ଓଷା

ଅନୁପମା ଭୂୟାଁ

ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ସାବିତ୍ରୀ ବ୍ରତ ଅନ୍ୟତମ । ଜ୍ୟେଷ୍ଠମାସ ଅମାବାସ୍ୟା ତିଥିରେ ଏହା ପାଳନ କରାଯାଉଥିବାରୁ ସେ ଦିନଟି ସାବିତ୍ରୀ ଅମାବାସ୍ୟା ଭାବରେ ପରିଚିତ । ସଧବା ନାରୀମାନଙ୍କ ଦ୍ୱାରା ପାଳିତ ହେଉଥିବା ବ୍ରତଗୁଡ଼ିକ ମଧ୍ୟରୁ ଏହା ଏକ ଶ୍ରେଷ୍ଠ ବ୍ରତ । ସତୀ, ସାଧ୍ୱୀ ପତିବ୍ରତା ସାବିତ୍ରୀଙ୍କ ସ୍ମରଣ ସାଙ୍ଗକୁ ତାଙ୍କ ପନ୍ଥା ଅନୁସରଣ ହେଉଛି ସାବିତ୍ରୀ ବ୍ରତ ପାଳନର ମୂଳ ଲକ୍ଷ୍ୟ । ସଧବା ନାରୀ ପାଇଁ ତାର ସ୍ୱାମୀ ସର୍ବସ୍ୱ । ସାବିତ୍ରୀ ବ୍ରତ ପାଳନ କରି ନାରୀ ନିଜ ପତିଙ୍କ ଦୀର୍ଘାୟୁ କାମନା କରିଥାଏ । ସାବିତ୍ରୀ ବ୍ରତ କଥାରେ ଉଲ୍ଲେଖ ରହିଛି ଯେ ଜ୍ୟେଷ୍ଠ କୃଷ୍ଣ ଅମାବାସ୍ୟା ଦିନ ସାବିତ୍ରୀ ନାମ ସ୍ମରଣ କରି ଯେଉଁ ନାରୀ ପବିତ୍ର ମନରେ ସାବିତ୍ରୀ ବ୍ରତ କରିବ ସେ ନାରୀ ଜନ୍ମେ ଜନ୍ମେ ସଧବା ରହିବ ଓ ପତି ପରାୟଣ ହୋଇ ପୁତ୍ରବତୀ, ଧନବତୀ ହେବ ଏବଂ ଅନ୍ତିମ କାଳରେ ବୈକୁଣ୍ଠପ୍ରାପ୍ତି ହେବ । ବିଭିନ୍ନ ଅଞ୍ଚଳରେ ନାନା ବିଧିରେ ସାବିତ୍ରୀବ୍ରତ ପାଳନ ହୋଇଥାଏ । କେତେକ ସ୍ଥାନରେ ଶାଳପୁଆ ଥୋଇ ବଟମୂଳରେ, ଚଉରା ମୂଳରେ ପୂଜା କରାଯାଉଥିବା ବେଳେ ଆଉ କେତେକ ସ୍ଥାନରେ ସାବିତ୍ରୀ ମନ୍ଦିରରେ ପୂଜା କରାଯାଏ । ଏହି ବ୍ରତରେ ସାବିତ୍ରୀ ଦେବୀ, ଯମଦେବତା ଏବଂ ସତ୍ୟବାନଙ୍କୁ ପୂଜା କରାଯାଇଥାଏ । କେତେକ ସ୍ଥାନରେ ମଧ୍ୟ ସାବିତ୍ରୀ ଦେବୀ, ଯମଦେବତା ଏବଂ ସତ୍ୟବାନଙ୍କ ସହିତ ଲକ୍ଷ୍ମୀନାରାୟଣଙ୍କୁ ପୂଜା କରାଯାଇଥାଏ । ସାବିତ୍ରୀ ବ୍ରତ ପାଳନର ସ୍ୱତନ୍ତ୍ରତା ହେଉଛି ଏହି ପୂଜାରେ ଅଗ୍ନିଦ୍ୱାରା ସିଦ୍ଧ କୌଣସି ପଦାର୍ଥ ଠାକୁରଙ୍କୁ ନୈବେଦ୍ୟ ରୂପେ ଅର୍ପଣ କରଯାଏ ନାହିଁ । ବିଭିନ୍ନ ପ୍ରକାର ଫଳ ଓ ଧୁଆ ମୁଗ ହିଁ ଏଥିପାଇଁ ଦରକାର ହୋଇଥାଏ । ସାବିତ୍ରୀ ବ୍ରତ କଥାରୁ ଜଣାଯାଏ ଯେ ସ୍ତ୍ରୀମାନେ ଶୀଳପୁଆକୁ ପଞ୍ଚାମୃତରେ ଶୁଦ୍ଧପୁତ କରି ସ୍ନାନ କରାଇ ସାବିତ୍ରୀ ରୂପରେ ଥାପନ୍ତି । ଫୁଲଚନ୍ଦନ, ଧୂପ ଦୀପ ଓ ନୈବେଦ୍ୟ ତାଙ୍କଠାରେ ଅର୍ପଣ କରନ୍ତି । କଇଁ, କଳାମାଳି ଓ ନୂଆ ଲୁଗା ରଖାଯାଏ । ଆମ୍ବ, ପଣସ, ଖଜୁରୀ, ତାଳ, ନଡ଼ିଆ, ମୁଗ, ବତୁରା, ସପୁରୀ ପ୍ରଭୃତି ପୂଜା କରାଯାଏ । ଓଡ଼ିଆ ଘରେ ବୋହୂମାନେ ପାହାନ୍ତାରୁ ଉଠି ଗାଧୁଆ ସାରନ୍ତି ପାଟପତନୀ ପରିଧାନ କରି ଶୁଦ୍ଧ ମନରେ ସାବିତ୍ରୀ ପୂଜାରେ ମନ ଦିଅନ୍ତି । ଉପବାସ ରୁହନ୍ତି । ପୂର୍ବ ରାତିରେ ମୁଗ ବତୁରାଇ ଥାଆନ୍ତି । ଅପରାହ୍ନରେ ପୂଜା ଶେଷ ହେଲେ ଗଜାମୁଗ, ତାଳ, ନଡ଼ିଆ, ଖଜୁରି, କୋଳି, ପଣସ, ଆମ୍ବ ଓ ସପୁରୀ ପ୍ରଭୃତି ଫଳ ଆହାର କରନ୍ତି ।

ପୌରାଣିକ ପୃଷ୍ଠଭୂମି ଅନୁସାରେ ସାବିତ୍ରୀ ମଦ୍ର ନରପତି ଅଶ୍ୱପତିଙ୍କର କନ୍ୟା ଏବଂ ସେ ଶାଲ୍ୱ ଦେଶାଧିପତି ଦ୍ୟୁମତ ସେନଙ୍କ ପୁତ୍ର ସତ୍ୟବାନଙ୍କୁ ବିବାହ କରିଥିଲେ । ରାଜ୍ୟ ହରାଇ ପିତାମାତାଙ୍କ ସହିତ ବଣରେ ରହୁଥିଲେ ସତ୍ୟବାନ । ବିବାହର ଏକ ବର୍ଷ ପରେ ସେ ମୃତ୍ୟୁବରଣ କରିବେ ବୋଲି ବିଧି ନିର୍ଦ୍ଦିଷ୍ଟ ଥିଲା । ତେଣୁ ବର୍ଷେ ପୂରିବାର ୩ ଦିନ ପୂର୍ବରୁ ସାବିତ୍ରୀ କଠୋର ଧ୍ୟାନରେ ବସିଲେ । ୪ର୍ଥ ଦିନ ଅର୍ଥାତ୍ ଯେଉଁ ଦିନ ସତ୍ୟବାନଙ୍କ ମୃତ୍ୟୁ ହେବାର ଥିଲା ସେ ଦିନ ଶାଶୁ ଶ୍ୱଶୁରଙ୍କୁ ପ୍ରଣାମ କରି ପତିଙ୍କୁ ଧରି ସାବିତ୍ରୀ ବଣକୁ ଗଲେ । ସେଠାରେ ସତ୍ୟବାନ କାଠ କାଟୁଥିବା ବେଳେ ମସ୍ତକରେ ପୀଡ଼ା ଅନୁଭବ କଲେ ଏବଂ ସାବିତ୍ରୀଙ୍କ କୋଳରେ ମସ୍ତକ ରଖି ଚିରଦିନ ପାଇଁ ଆଖି ବୁଜିଲେ । ଏହାପରେ ସ୍ୱୟଂ ଯମରାଜ ସେଠାରେ ପହଞ୍ଚି ସତ୍ୟବାନ ଶରୀରରୁ ଅଙ୍ଗୁଳି ପରିମିତ ଜୀବନକୁ ଫାସରେ ବାନ୍ଧି ଦକ୍ଷିଣାଭିମୁଖୀ ଯାତ୍ରା କରିବା ମାତ୍ରକେ ସାବିତ୍ରୀ ତାଙ୍କର ଅନୁଗମନ କଲେ । ଯମରାଜ ଯେତେ ବୁଝାଇଲେ ସେ ବୁଝିଲେ ନାହିଁ । ତେଣୁ ଯମତାଙ୍କୁ ସତ୍ୟବାନଙ୍କ ଜୀବନ ବ୍ୟତୀତ ଅନ୍ୟ ଯାହା ମାଗିଲେ ଦେବେ ବୋଲି କହିଲେ । ସାବିତ୍ରୀ କହିଲେ ମୋର ଅନ୍ଧ ଶ୍ୱଶୁରଙ୍କୁ ଚକ୍ଷୁଦାନ କରି ତେଜସ୍ୱୀ କରନ୍ତୁ । ଯମରାଜ ତଥାସ୍ତୁ କହିଲେ । ଶେଷରେ ସେ ନିଜ ପାଇଁ ଶହେ ପୁତ୍ର ମାଗିଲେ । ଯମରାଜ ତଥାସ୍ତୁ କହନ୍ତେ ବୁଦ୍ଧିମତୀ ସତୀ ସାବିତ୍ରୀ କହିଲେ ଆପଣତ ମୋର ପତିଙ୍କୁ ନେଇ ଯାଉଛନ୍ତି ମୁଁ ପୁତ୍ରବତୀ ହେବି କିପରି । ଶେଷରେ ସାବିତ୍ରୀଙ୍କ ପାଖରେ ପରାଜୟ ସ୍ୱୀକାର କରି ଯମରାଜ ସତ୍ୟବାନଙ୍କ ଜୀବନ ଫେରାଇ ଦେଇଥିଲେ । ସତ୍ୟବାନ ପୁନଃ ଜୀବନ ଲାଭ କରି ସାବିତ୍ରୀଙ୍କୁ ଧରି ଆଶ୍ରମକୁ ଫେରିଗଲେ ଏବଂ ପିତାଙ୍କ ଚକ୍ଷୁଲାଭ, ରାଜ୍ୟଲାଭ କରିଥିବା ଦେଖି ସମସ୍ତ କଥା ଶୁଣି ପତିବ୍ରତା ନାରୀର ପ୍ରଶଂସା କଲେ । ସତ୍ୟବାନ ସିଂହାସନରେ ବସିଲେ, ଶତପୁତ୍ର ଲାଭ କଲେ ଏବଂ ସାବିତ୍ରୀ ନାରୀ ଜଗତରେ ଚିରଦିନ ପୂଜ୍ୟା ଏବଂ ସ୍ମରଣୀୟ ହୋଇ ରହିଲେ । ଏହି ପତିବ୍ରତା ନାରୀଙ୍କୁ ସ୍ମରଣ କରିବା ପାଇଁ ପ୍ରତି ବର୍ଷ ପାଳିତ ହେଉଛି ସାବିତ୍ରୀ ଓଷା ।

'ସାଇବିଥି' ୭ଡି/୧୩୫୪,
ସେକ୍ଟର-୯,
ସିଡିଏ, କଟକ,

ସଂରକ୍ଷଣ: ରାଷ୍ଟ୍ର ହରାଇଛି କେତେ ଓ ପାଇଛି କେତେ ?

ଗୋପାଳ ମହାପାତ୍ର

ସାମାଜିକ ନ୍ୟାୟର ଦ୍ୱାହି ଦେଇ ଯେଉଁ ସଂରକ୍ଷଣ ପ୍ରସଙ୍ଗ ୨୦୨୪ର ଲୋକସଭା ନିର୍ବାଚନରେ ପ୍ରସଙ୍ଗ ପାଲଟିଛି ତାର ପ୍ରଭାବ ବ୍ୟାପକ ଭାବେ ପଡ଼ିବ ବୋଲି ଜଣାପଡ଼ିଗଲାଣି । ଇଣ୍ଡିଆ ମେ ର ନେତାମାନେ ନିର୍ବାଚନୀ ଭାଷଣରେ ମୁସଲମାନଙ୍କୁ ସଂରକ୍ଷଣ ଦିଆଯିବା ନେଇ ଓକିଲାତି କରିବାରେ ଲାଗିଛନ୍ତି । ନିକଟରେ କୋଲକତା ହାଇକୋର୍ଟ ଏକ ଐତିହାସିକ ନିଷ୍ପ ି କ୍ରମେ ୨୦୧୦ ପରେ ମୁସଲିମ ସମୁଦାୟର ୭୭ଟି ବର୍ଗର ଓବିସି (ଅନ୍ୟ ପଛୁଆ ବର୍ଗ) ଙ୍କୁ ଦିଆଯାଇଥିବା ୫ ଲକ୍ଷରୁ ଅଧିକ ଓବିସି ପ୍ରମାଣ ପତ୍ରକୁ ରଦ୍ଦ କରି ଦେଇଛନ୍ତି । କୋଲକତା ହାଇକୋର୍ଟଙ୍କ ଓବିସି ପ୍ରମାଣପତ୍ର ରଦ୍ଦକୁ ନେଇ ଏନଡିଏ ଏବଂ ଇଣ୍ଡିଆ ମେ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଚାଲିଛି । ସଂରକ୍ଷଣ ପ୍ରସଙ୍ଗକୁ ନେଇ ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, ବିହାର, ଉ ରପ୍ରଦେଶ, ରାଜସ୍ଥାନ ଏବଂ ମହାରାଷ୍ଟ୍ରରେ ଦୀର୍ଘ ଦୁଇ ଦଶନ୍ଧି ହେବ ବିବାଦ ଚାଲିଛି । ରାଜନୀତିର ଉର୍ଦ୍ଧ୍ୱକୁ ଯାଇ ସଂରକ୍ଷଣ ବ୍ୟବସ୍ଥା ସମ୍ପର୍କରେ ଚିନ୍ତାକଲେ ସ୍ପଷ୍ଟ ଜଣାପଡ଼େ ଯେ ଭାରତରେ ସାମ୍ବିଧାନିକ ସଂରକ୍ଷଣ ବ୍ୟବସ୍ଥା ଅନୁଚ୍ଛେଦ ୩୩୦. ୩୩୨ ଏବଂ ୩୩୫ ଅନୁସାରେ ଅନୁସୂଚୀତ ଜାତିକୁ ୧୫ ପ୍ରତିଶତ, ଅନୁସୂଚୀତ ଜନଜାତିକୁ ୭.୫ ପ୍ରତିଶତ, ଅର୍ଥାତ ସମୁଦାୟ ୨୨.୫ ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା ରହିଛି । ୧୯୭୮ରେ ମୋରାରଜୀ ଦେଶାଇ ସରକାର ବିନ୍ଦେଶ୍ୱରୀ ପ୍ରସାଦ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଏକ କମିଶନ ଗଠନ କରିଥିଲେ, ଏହାକୁ ମଣ୍ଡଳ କମିଶନ ବୋଲି କୁହାଯାଏ । ମଣ୍ଡଳ କମିଶନ ୧୯୮୦ ମସିହାରେ ତାଙ୍କ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଥିଲେ । ୧୦ବର୍ଷ କାଳ ଏହି ରିପୋର୍ଟ ଶୀତଳ ଭଣ୍ଡାରରେ ପଡ଼ିବା ଭଳି ରହିଥିଲା । ୧୯୮୯ ମସିହାରେ ବିଶ୍ୱନାଥ ପ୍ରତାପ ସିଂହ ପ୍ରଧାନମନ୍ତ୍ରୀ ହୋଇଥିଲେ । ସେତେବେଳେ ଯେଉଁ ମେ ସରକାର ହୋଇଥିଲା ,ସହି ମେ ର ଅଧ୍ୟକ୍ଷ ଥିଲେ ଏନ୍‌ଟି ରାମାରାଓ ଓ ସଂଯୋଜକ ଥିଲେ ବିଶ୍ୱନାଥ ପ୍ରତାପ ସିଂହ । ବିଶ୍ୱନାଥ ପ୍ରତାପ ସିଂହ ବ ର୍ତ୍ତମାନ ବିଜେପି ଦଳର ସମର୍ଥନରେ ସରକାର ଗଠନ କରିଥିଲେ ଓ ମଣ୍ଡଳ କମିଶନଙ୍କ ସୁପାରିଶକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପ ି ନେଇଥିଲେ ।

ମଣ୍ଡଳ କମିଶନଙ୍କ ରିପୋର୍ଟ ଆଧାରରେ ଅନ୍ୟ ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ କରାଗଲା । ସେବେଠାରୁ ଅଦ୍ୟାବଧି ସବୁ ରାଜ୍ୟରେ ଅନ୍ୟ ପଛୁଆବର୍ଗ ଜାତି ବିଭିନ୍ନ ସମୟରେ ସଂରକ୍ଷଣ ପାଇଁ ଦାବି କରୁଛନ୍ତି । ନିର୍ବାଚନ ସମୟରେ ଅନ୍ୟ ପଛୁଆବର୍ଗ ଜାତି ବିଭିନ୍ନ ସମୟରେ ସଂରକ୍ଷଣ ପାଇଁ ଦାବି କରୁଛନ୍ତି । ନିର୍ବାଚନ ସମୟରେ ଏହାକୁ ନେଇ ନେତାମାନେ ମଧ୍ୟ ତୁମ୍ବିତୋଫାନ କରୁଛନ୍ତି । ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦିରୁ ଭାରତରେ ସଂରକ୍ଷଣ ବ୍ୟବସ୍ଥାର ଆରମ୍ଭ ହୋଇଥିଲା । ସେ ସମୟରେ ଧନୀ ଲୋକମାନଙ୍କର ବିଶେଷ ଅଧିକାର ଥିଲା । ୧୮୮୨ ମସିହାରେ ଜାତି ଆଧାରିତ ସଂରକ୍ଷଣ ବ୍ୟବସ୍ଥା ବାବଦରେ ଓ୍ୱଲିୟମ ହ ର ଏବଂ ଜ୍ୟୋତିରାଓ ଫୁଲେ ବିଚାର କରିଥିଲେ । ୧୯୦୯ରେ ଇଂରେଜମାନଙ୍କ ଦ୍ୱାରା ଜାତି ଓ ସମୁଦାୟକୁ ନେଇ ଯେଉଁ ସଂରକ୍ଷଣ ଆରମ୍ଭ କରାଗଲା ତାକୁ ୧୯୧୯ ମସିହାରେ ଚାମ୍ବର ଫୋର୍ଡ଼ଙ୍କ ରିପୋର୍ଟ ପରେ କାର୍ଯ୍ୟକାରୀ କରାଗଲା । ତତ୍‌କାଳୀନ ଇଂରେଜ ସରକାର ଅଧିନିୟମ ୧୯୧୯ ମାଧ୍ୟମରେ ସଂରକ୍ଷଣ ପାଇଁ ପ୍ରାବଦାନ କରିଥିଲେ । ୧୯୨୧ରେ ମାଡ୍ରାସ ପ୍ରେସିଡେନ୍ସିରଆଦେଶ ଅନୁସାରେ ଅଣ ବ୍ରାହ୍ମଣମାନଙ୍କ ପାଇଁ ୪୪ ପ୍ରତିଶତ ଓ ବ୍ରାହ୍ମଣ, ମୁସଲମାନ, ଭାରତୀୟ ଆଂଗ୍ଲୋ ଇଣ୍ଡିଆନମାନଙ୍କ ପାଇଁ ୧୬-୧୬ ପ୍ରତିଶତ ସ ଅନୁସୂଚୀତ ଜାତି ପାଇଁ ୮ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଥିଲା । ୧୯୩୦ ମସିହାରେ ଏଚ.ବି ଷ୍ଟୋର କମିଟି ପଛୁଆ ଜାତିକୁ ଦଳିତ, ଆଦିବାସୀ, ପାର୍ବତୀୟ ଜନଜାତି ଏବଂ ଅନ୍ୟ ପଛୁଆ ବର୍ଗରେ ବିଭାଜିତ କରିଦେଇଥିଲେ । ସେବେଠାରୁ ଭାରତୀୟ ସମାଜ ବିଭିନ୍ନ ବର୍ଗ ଏବଂ ସମୁଦାୟରେ ବିଭାଜିତ ହୋଇ ରହିଛି ।

୧୯୩୨-୩୩ ମସିହାରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଭାରତରରେ ସାମ୍ପ୍ରଦାୟିକ ବ୍ୟବସ୍ଥାଲାଗୁ କରାଇଥିଲେ । ତଦନୁସାରେ ମୁସଲମାନ, ଶିଖ, ଭାରତୀୟ ଖ୍ରୀଷ୍ଟିୟାନ, ଆଂଗ୍ଲୋଇଣ୍ଡିଆନ, ଏବଂ ଦଳିତଙ୍କ ପାଇଁ ଅଲଗା ନିର୍ବାଚନ କ୍ଷେତ୍ରରେ ବ୍ୟବସ୍ଥା କରାଯାଇଥିଲା । ପ୍ରାନ୍ତିୟ ବିଧାନ ମଣ୍ଡଳରେ ଦଳିତଙ୍କ ପାଇଁ ୭୧ଟି ଆସନ ନିର୍ଦ୍ଧାରିତ କରାଯାଇଥିଲା ଏଣୁ ମତଦାତାଙ୍କୁ ସେମାନଙ୍କ ସମୁଦାୟର ବ୍ୟକ୍ତିଙ୍କୁ ମତ ଦେବାର ପ୍ରାବଧାନ ଥିଲା । ଏଭଳି ବ୍ୟବସ୍ଥାକୁ ଗାନ୍ଧୀ ବିରୋଧ କରିଥିଲେ ଓ ଏହି ବ୍ୟବସ୍ଥାକୁ ଡକ୍ଟର ଭୀମରାଷ୍ଟ ଆମ୍ବେଦକର ସମର୍ଥନ କରୁଥିଲେ । ଉଭୟଙ୍କ ମଧ୍ୟରେ ସଂରକ୍ଷଣକୁ ନେଇ ଥିବା ମତଭଦ ପୁନା ପ୍ୟାକ୍ଟ ପରେ ଥମିଥିଲା । ଅଧିନିୟମ ୧୯୩୫ ଅନୁସାରେ ଏହି ସଂରକ୍ଷଣ ବ୍ୟବସ୍ଥାରେ ଦଳିତ ବର୍ଗ ଏବଂ ଆଦିମ ଜନଜାତି ନାମକ ସଞ୍ଜା ଯୋଡ଼ାଯାଇଥିଲା । ମାହାରାଷ୍ଟ୍ରରେ ଶିକ୍ଷା ଏବଂ ସରକାରୀ ନିଯୁକ୍ତିରେ ଅନୁସୂଚୀତ ଜାତି-ଜନଜାତିଙ୍କ ସହ ମରାଠା ସମୁଦାୟଙ୍କ ପାଇଁ ୧୬ ପ୍ରତିଶତ ଏବଂ ମୁସଲମାନଙ୍କ ପାଁ ୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି । ଅରୁଣାଚଳ ପ୍ରଦେଶରେ ଅନୁସୂଚୀତ ଜନଜାତିଙ୍କ ପାଇଁ ୮୦ ପ୍ରତିଶତ ସଂରକ୍ଷଣ ରହିଛି । ସେହିପରି ତାମିଲନାଡୁରେ ସର୍ବାଧିକ ୬୯ ପ୍ରତିଶତ, ମହାରାଷ୍ଟ୍ରରେ ୫୨ ପ୍ରତିଶତ ଏବଂ ମଧ୍ୟପ୍ରଦେଶରେ ୫୦ ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା ରହିଛି ।

ସମ୍ବିଧାନର ଧାରା ୧୫(୪), ଧାରା ୧୬(୪) ଏବଂଧାରା ୧୬ (୪)ବି ଅନୁସାରେ ସରକାରଙ୍କ ଅଧିକାର ଦିଆଯାଇଛି ଯେ, ଯଦି କୌଣସି ସମାଜ ବା ବର୍ଗର ଶିକ୍ଷାସଂସ୍ଥା ବା ସରକାରୀ ନିଯୁକ୍ତିରେ ପର୍ଯ୍ୟାପ୍ତ ପ୍ରତିନିଧିତ୍ୱ ନଥିବା କଥା ଜଣାପଡ଼େ ତେବେ ରାଜ୍ୟ ସରକାର ସେମାନଙ୍କୁ ସଂରକ୍ଷଣ ଦେଇପାରିବେ । ବିଶ୍ୱର ବିକଶିତ ଦେଶ ଚୀନ, ଆମେରିକା ଓ ଜାପାନ ଭଳି ଦେଶରେ ମଧ୍ୟ ସଂରକ୍ଷଣ ବ୍ୟବସ୍ଥା ରହିଛି । ଭାରତରେ ଦୀର୍ଘଦିନରୁ ଚାଲି ଆସିଥିବା ଜାତି ବ୍ୟବସ୍ଥା ଦେଶର ସଂରକ୍ଷଣ ନୀତି ପ୍ରଣୟନ ପାଇଁ ଦାୟୀ । କାରଣ ଜାତି ବ୍ୟବସ୍ଥାରେ ଉତ୍ପିଡ଼ିତ ଏବଂ ଦୁର୍ଭାଗ୍ୟଶାଳୀ ବ୍ୟକ୍ତିମାନଙ୍କୁ ଦଳିତ ଆଖ୍ୟା ଦିଆଯାଇଛି । ଦେଶ ସ୍ୱାଧିନ ହେବା ପୂର୍ବରୁ ଓ ପରେ ସାମାଜିକ, ଆର୍ଥିକ, ରାଜନୈତିକ ଏବଂ ସାଂସ୍କୃତିକ ସ୍ତିରରେ ଜାରିଶୁଣି ଏଭଳି ମାନସିକତା ଲୋକଙ୍କ ମନରେ ଭରି ଦିଆଯାଇଛି । ଦଳିତ ସମାଜକୁ ମୁଖ୍ୟଧାରାରେ ସାମିଲ କରିବା ପାଇଁ ଏହାକୁ ଏକ ଉଚିତ ବ୍ୟବସ୍ଥା ବୋଲି ମଧ୍ୟ କୁହାଯାଇପାରେ । ସଂରକ୍ଷିତ ବର୍ଗ : ଅନୁସୂଚୀତ ଜାତି-ଜନଜାତି ଏବଂ ଅନ୍ୟ ପଛୁଆ ବର୍ଗଙ୍କ ଦୁର୍ଭାଗ୍ୟ ଯେ ଯେହେତୁ ସେମାନେ ସଂରକ୍ଷଣର ଲାଭ ପାଉଛନ୍ତି ତେଣୁ ସେମାନଙ୍କୁ ଜାତି ଆଧାରିତ ଭେଦଭାବକୁ ମଧ୍ୟ ସ୍ୱୀକାର କରିବାକୁ ପଡୁଛି । ନିମ୍ନ ବା ଦଳିତ ବର୍ଗଙ୍କ ବିରୁଦ୍ଧରେ କରଯାଇଥିବା ଐତିହାସିକ ଅନ୍ୟାୟର ଭରଣା ପାଇଁ ଜାତି/ ବ୍ୟକ୍ତିଙ୍କୁ ରାଜ୍ୟ/କେନ୍ଦ୍ର ଦ୍ୱାରା ସମାନ ଭାବେ ପ୍ରତିନିଧିତ୍ୱର ସୁଯୋଗ ଦିଆଯାଉଛି ଏବଂ ଏହା ମଧ୍ୟ ସମ୍ବିଧାନ ସମ୍ମତ । କିନ୍ତୁ ସଂରକ୍ଷଣ ଭର୍ଗର ଲେଏାକଙ୍କୁ ସରକାରୀ ନିଯୁକ୍ତିରେ ଅଣ ସଂରକ୍ଷିତ ବର୍ଗର ଲୋକେ ହେୟ ଦୃଷ୍ଟିରେ ଦେଖିବା ଅମାନବୀୟ ଦୃଷ୍ଟିକୋଣର ପରିଚାୟକ । ସମ୍ବିଧାନରେ କୁହାଯାଇଛି ଯେ ଜାତିଧର୍ମର ଭେଦଭାବ ବିନା ସମସ୍ତଙ୍କୁ ସମାନ ଅବସର ଦିଆଯିବା ଉଚିତ୍ । ସଂରକ୍ଷଣର ସଙ୍କଳ୍ପନାରେ ଏକଥା ନିହିତ ରହିଛି ଯେ ସାମାଜିକ, ଆର୍ଥିକ ଏବଂ ରାଜନୈତିକ ମାମଲାରେ ନିଷ୍ପକ୍ଷତାକୁ ଗୁରୁତ୍ୱ ଦିଆଯିବା ମାନବୀୟ ମୂଲ୍ୟ ପରମ୍ପରାରେ ନିର୍ବାହନ ଅଟେ । ସଂରକ୍ଷଣର ଉଦ୍ଦେଶ୍ୟ ପୂର୍ବାଗ୍ରହ ରହିତ ସମାଜର ନିର୍ମାଣ । ସମ୍ବିଧାନର ପ୍ରଣୟନ କ ର୍ତ୍ତାମାନେ ଅନେକ ଭାବିଚିନ୍ତି ପ୍ରତିରକ୍ଷା ସେବାରେ ସଂରକ୍ଷଣ ବ୍ୟବସ୍ଥା କରିନାହାଁନ୍ତି । ରାଜ୍ୟସଭା, ନ୍ୟାୟପାଳିକା, ବ୍ୟବସ୍ଥାପିକା ଏବଂ କାର୍ଯ୍ୟପାଳିକାର ସର୍ବୋଚ୍ଚ ପଦକୁ ସଂରକ୍ଷଣରୁ ଦୁରରେ ରଖାଯାଇଛି । କିନ୍ତୁ ଅନେକ ସମୟରେ ସଂରକ୍ଷଣକୁ ନେଇ ବିମର୍ଷ ଚାଲିଥିବାରୁ ସ୍ୱତଃ ପ୍ରଶ୍ନ ଉଠେ ଯେ ଏହି ସଂରକ୍ଷଣ ବ୍ୟବସ୍ଥାର ଅନ୍ତ କଉଁଠି ? ବିଗତ ୪/୫ ଦଶକ ହେବ ସଂରକ୍ଷଣକୁ ନେଇ ଯେମିତି ବିଭିନ୍ନ ବର୍ଗର ଲୋକେ ଆନ୍ଦୋଳନକୁ ଓହ୍ଲେଇଛନ୍ତି ସେଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଏହି ସଂରକ୍ଷଣର ନିଆଁ କେବେ ଲିଭିବ ନାହିଁ । ଏହାର କାରଣ ହେଉଛି ସମ୍ବିଧାନରେ ଅନୁସୂଚିତ ଜାତି-ଜନଜାତି ଏବଂ ଅନ୍ୟ ପଛୁଆ ବର୍ଗଙ୍କ ଉତ୍ଥାନ ପାଇଁ ସଂରକ୍ଷଣ ଏକ ଧାର୍ଯ୍ୟ ସମୟ ସୀମା ପର୍ଯ୍ୟନ୍ତ ଦିଆଯାଇଥିଲା । କିନତୁ ସଂରକ୍ଷଣ ଜାତି ଏବଂ ସମାଜ ମଧ୍ୟରେ ଅବଧାରଣା ରହିଛି ଯେ ସେମାନଙ୍କୁ ସବୁବେଳେ ସଂରକ୍ଷଣ ମିଳିବା ଆବଶ୍ୟକ । ସଂରକ୍ଷଣା ଜଡ଼ ସବୁ ସମାଜରେ ପରିବ୍ୟାପ୍ତ ହୋଇ ରହିଛି । ବୋଧହୁଏ ଏହି କାରଣରୁ ଅନୁସୂଚୀତ ଜାତି-ଜନଜାତି ଓ ପଛୁଆବର୍ଗର ଭୋଟର ତାଙ୍କ ଜାତିର ଲୋକଙ୍କୁ ଭୋଟ ଦେଇଥାନ୍ତି ଯେପରି ସଂରକ୍ଷଣ ବିରୁଦ୍ଧରେ ଯେପରି ଆଇନ୍ ପ୍ରଣୟନ ହୋଇନପାରିବ । ରାଜନୈତିକ ଦଳମାନେ ମଧ୍ୟ ବିଧାନସଭା ଓ ଲୋକସଭାରେ ସଂଖ୍ୟାଗରିଷ୍ଠତା ପାଇଁ ରାଷ୍ଟ୍ରୀୟ ହିତକୁ ଭୁଲି ଯାଇଥାନ୍ତି । ଆ ଳିକ ଦଳମାନେ ଜାତିବାଦ, ଭାଷାବାଦ ଓ ଆ ଳିକବାଦକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି କାରଣ ସେମାନଙ୍କର ଗଠନ ହିଁ ସଙ୍କୁଚିତ ଦୃଷ୍ଟିକୋଣ ଆଧାରିତ ଅଟେ । ସଂରକ୍ଷଣରୁ ରାଷ୍ଟ୍ର କ'ଣ ହରାଇଛି ଓ କ'ଣ ପାଇଛି ? ଏକଥାର ବିଶ୍ଳେଷଣ କରାଯିବା ଆବଶ୍ୟକ । ୨୦୦ ବର୍ଷରୁ ଅଧିକ ସମୟ ପୂର୍ବେ ଇଂରେଜମାନେ ଯେଉଁ ସଂରକ୍ଷଣର ନିଆଁ ଲଗାଇ ଦେଇ ଯାଇଛନ୍ତି ତାହା ଲିଭିବ କେବେ ?

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି । ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମ

ସ୍ନେହ ଭିକ୍ଷୁ

ସୁଦର୍ଶନ ମହାପାତ୍ର

ହୋଟେଲ 'ମମତା' ଏ ସହରର ଗୌରବମୟ ପ୍ରତୀକ ହୋଇ ଉଙ୍କି ମାରୁଛି । ସମ୍ଭ୍ରାନ୍ତଶାଳୀ ଲୋକଙ୍କର ସ୍ୱାଭିମାନର ନିଦର୍ଶନ ଏଇ ହୋଟେଲ ।

ଆଜି ମେ ମାସର ଦ୍ୱିତୀୟ ରବିବାର । ମାତୃଦିବସର ତାତ୍ପର୍ଯ୍ୟ ଓ ମହିମାଗାନ କରିବାକୁ ଆୟୋଜକ 'ମା' ସ ?ଂଗଠନ ତତ୍ପର । ଏଇ ସଂଗଠନ ଜରିଆରେ ଅତିଥି ମାନେ ଏଠି ସମବେତ । ସ୍ତ୍ରୀ ଓ ପ୍ରସୂତି ବିଭାଗର ପ୍ରଫେସର ଡ଼ାଃ ସିଦ୍ଧାର୍ଥ ନନ୍ଦ ଆଜି ମୁଖ୍ୟ ଅତିଥି ।

ନିଜ ଅଭିଭାଷଣରେ ଡ଼ାଃ ସିଦ୍ଧାର୍ଥ 'ମା' ଶବ୍ଦର ଅପୂର୍ବ ବିନ୍ୟାସ କରିଥିଲେ । ମନ୍ତ୍ରମୁଗ୍ଧ କରିଦେଇଥିଲେ ଶ୍ରୋତାମଣ୍ଡଳୀ କୁ । ନିଜ ଡାକ୍ତର ଜୀବନର ସାର୍ଥକତା ବିଷୟରେ ବଖାଣିଥିଲେ । ତାଙ୍କରି ଚିକିତ୍ସାରେ ସନ୍ତାନ ଆଶା ଛାଡି ଦେଇଥିବା କେତେ ଦମ୍ପତି ସନ୍ତାନ ସୁଖ ପ୍ରାପ୍ତ ହୋଇଥିଲେ । କେତେ ମହିଳା ମାତୃତ୍ୱ ର ଅଧିକାରିଣୀ ହୋଇ ଥିବାରୁ ନିଜକୁ ଭାଗ୍ୟବାନ ବୋଲି ମନେ କରୁଥିଲେ । ସନ୍ତାନକୁ କୋଳରେ ଧରି ମାଆଟିର ଭାବାବେଗକୁ ଅପୂର୍ବ ଭାବରେ ବର୍ଣ୍ଣନା କରୁଥିଲେ ଡ଼ାଃ ସିଦ୍ଧାର୍ଥ । ତୁହାକୁ ତୁହା କରତାଳି ରେ ଫାଟି ପଡୁଥିଲା ହୋଟେଲ 'ମମତା' ର ବିଶାଳ ଅଡିଟୋରିୟମ ।

ମୁଖ୍ୟ ବକ୍ତା ତଥା ଅନ୍ୟାନ୍ୟ ଅତିଥିବୃନ୍ଦ ମାତୃ ଦିବସର ଅନୁଚିନ୍ତା ଏବଂ ବାସ୍ତବତା ମଧ୍ୟରେ ପାର୍ଥକ୍ୟ ନରଖିବାକୁ ସବିନୟ ଅନୁରୋଧ କରୁଥିଲେ ଉପସ୍ଥିତ ଶ୍ରୋତାଙ୍କୁ ଏବଂ ପରୋକ୍ଷରେ ଆଜିକାଲିର ଆଧୁନିକ ସମାଜକୁ ।

ମିଟିଂ ଶେଷ ହେଲା । ବିଳାସମୟୀ ହୋଟେଲର ରୁଚିକର ଖାଦ୍ୟକୁ ଖୁବ୍ ଉପଭୋଗ କଲେ ନିମନ୍ତ୍ରିତ ଅତିଥିମାନେ ।

ଡାଃ ସିଦ୍ଧାର୍ଥ ହୋଟେଲଟିର ସାଜସଜ୍ଜା ଦେଖୁ ଦେଖୁ ଆସି ପହଁଚିଲେ ରିସେପସନ କାଉଣ୍ଟର ପାଖରେ । କାଉଣ୍ଟର ପଛପଟ କାନ୍ଥରେ ବିରାଟକାୟ ଫଟୋଫ୍ରେମରେ ବନ୍ଧା ମହିଳାଙ୍କୁ ଦେଖି ଆଶ୍ଚର୍ଯ୍ୟ ନହୋଇ ରହିପାରିଲେନି ।ଏ ଫଟୋ ଏଠି କେମିତି ?

ମନରେ ଅସୁମାରୀ କଳ୍ପନା.. ଦ୍ୱନ୍ଦ..!! ଏଇ ହୋଟେଲ ମାଲିକଙ୍କ ମା'ଙ୍କ ଏଠି ସ୍ଥାନିତ ହୋଇଛି ବୋଲି ବୁଝାଇ ଦେଲେ ରିସେପସନିଷ୍ଟ । ମାଲିକ ତାଙ୍କ ମା'ଙ୍କୁ ବହୁତ ସମ୍ମାନ ଦିଅନ୍ତି ଏବଂ ଅସୁମାରୀ ଭଲ ପାଆନ୍ତି ବୋଲି ନିଜ ତରଫରୁ ଭାବ ବିହ୍ୱଳ ହୋଇ କହି ପକାଇଲେ ମଧ୍ୟ ।

ତଥାପି ମନ ମାନୁନି ।ପୋର୍ଟିକରୁ ଗାଡି ବାହାର କରି ଡ଼ାଃ ସିଦ୍ଧାର୍ଥ ସିଧା ହାଜର ହେଲେ 'ବସୁନ୍ଧରା' ବୃଦ୍ଧାଶ୍ରମରେ ।ମନ ଉଦବିଗ୍ନ । ଖୋଜିଲା ଖୋଜିଲା ଆଖି ।

-' କିଛି କାମ ଥିଲା । କାହାକୁ ଖୋଜୁଛନ୍ତି ?' ପଚାରିଲେ ସେଠାରେ ନୂଆ କରି ଯୋଗ ଦେଇଥିବା ପରିଚାଳକ ।

-' ପ୍ରତିଭା ଦେବୀ ଙ୍କୁ...'

-' ସେମିତି ନାଁ ରେ ଏଠାରେ କୌଣସି ମହିଳା ତ ନାହାନ୍ତି ।'

ଡାଃ ସିଦ୍ଧାର୍ଥ ନିର୍ବାକ ପ୍ରାୟ । ପୁଣି ଫେରିଲେ ହୋଟେଲ 'ମମତା' ପାଖକୁ ।

-' ପ୍ରତିଭା ଦେବୀ ଏବେ କେଉଁଠି ଅଛନ୍ତି ?' ପଚାରିଲେ ସେଇ ରିସେପସନିଷ୍ଟ କୁ ।

ହୋଟେଲର ମାଲିକ ମିଷ୍ଟର ସତ୍ୟବ୍ରତ ମିଶ୍ର ତାଙ୍କ ମା'ଙ୍କୁ ନେଇ ତୀର୍ଥଯାତ୍ରାରେ ଯାଇଛନ୍ତି ।ଫେରିବେ ଆଉ ପାଞ୍ଚ ଦିନ ପରେ ।

ସୋଫାରେ ଯାଇ ଲଥ୍ କରି ବସି ପଡିଲେ ଡ଼ା ସିଦ୍ଧାର୍ଥ । ପାଣି ମଗାଇ ପିଇଲା ପରେ ଟିକିଏ ସାଷ୍ଟାମ ହେଲେ । ପ୍ରତିଭା ଦେବୀ ଯେ ତାଙ୍କରି ମାଆ ଏବଂ ସତ୍ୟବ୍ରତ ମିଶ୍ର ଯେ ତାଙ୍କରି ପିଲାଦିନର ବନ୍ଧୁ ବୁଝିପାରି ସାରିଥିଲେ ସେତେବେଳକୁ ।

ସିଦ୍ଧାର୍ଥ ସ୍ମୃତି ଚାରଣ କରୁଥିଲେ ଅତୀତକୁ । ବାପା ମା ଛେଉଣ୍ଡ ସତ୍ୟବ୍ରତ ଆସି ମାମୁଘରେ ରହି ପାଠ ପଢୁଥିଲେ ।ସେଇ ସ୍କୁଲରେ ହିଁ ପରିଚୟ ହୋଇଥିଲା ସେମାନଙ୍କର । ସତ୍ୟ ବିଷୟରେ ସବୁ କଥା ଜାଣି ମା ତାକୁ ନିଜ ପୁଅ ପରି ଅଯାଚିତ ଭାବରେ ଢାଳି ଦେଇଥିଲେ ମମତା । ପ୍ରତି ପର୍ବପର୍ବାଣୀରେ ସତ୍ୟ ଆମ ଘରେ ହାଜର ହୋଇ ଯାଉଥିଲା ମାଆଙ୍କ କୁହାରେ ।

ଭାରି ସ୍ନେହ କାଙ୍ଗାଳ ପିଲାଟିଏ ଥିଲା ସେ । ମା'ଙ୍କ କଥାକୁ ଖୁବ୍ ମାନୁଥିଲା ବି ସେ । ମାଟ୍ରିକ ପାସ ପର୍ଯ୍ୟନ୍ତ ସତ୍ୟ ଆମ ଗାଁ ସ୍କୁଲରେ ପଢୁଥିଲା । ତା'ପରେ ଦୁଇଜଣଙ୍କର ବିଚ୍ଛେଦ । ତା ପରଠୁ ଥରେ ଦୁଇଥର ସାକ୍ଷାତ ହୋଇଥିବ କି ନା ସନ୍ଦେହ ।

ସତ୍ୟବ୍ରତ ସହିତ ମା ଙ୍କର କେମିତି ଦେଖାହେଲା ବୃଦ୍ଧାଶ୍ରମରେ ? ସେ କ'ଣ ମା'ଙ୍କ ଖବର ରଖୁଥିଲା ? ଅବା ପବିତ୍ର ହୃଦୟର ସତ୍ୟ ବୃଦ୍ଧାଶ୍ରମ ଆସି ସାହାଯ୍ୟ ସହଯୋଗ କରିବା ଭିତରେ ମା'ଙ୍କୁ ଆବିଷ୍କାର କରିଛି 'ବସୁନ୍ଧରା' ରେ !

ମନେପଡିଲା ସେଦିନର କଥା ।ଏମ.ବି.ବି.ଏସ୍ ପାଇଁ ଦୂର ସହରକୁ ପଢ଼ିବା ପାଇଁ ଯିବା ଦିନ ହଠାତ୍ ସତ୍ୟ ଆସି ପହଞ୍ଚି ଯାଇଥିଲା ଘରେ । ସାଙ୍ଗକୁ ବଧେଇ ଦେବାକୁ ଏବଂ ମା ଙ୍କୁ ପ୍ରବୋଧନା ଦେବାକୁ । ସେଇଦିନ ହିଁ କଥା ଛଳରେ ମାଆ ତାଙ୍କର ତୀର୍ଥଯାତ୍ରାର ଇଚ୍ଛା ପ୍ରକାଶ କରିଥିଲେ । ସେ ପୁଣି ପୁଅ ପାଇଁ କରିଥିବା ମାନସିକ ପୂରଣ କରିବା ଅଭିପ୍ରାୟରେ..!ଏମିତି ହାଲକା ଭାବରେ..! ହେଲେ ତା ପରଠୁ କେବେହେଲେ ଥରେ ସେ ବିଷୟରେ କୌଣସି କଥା ହୋଇନଥିଲେ । ବରଂ ପୁଅର ସଂସାରକୁ ସଜାଡି ରଖିବାକୁ ପ୍ରାଧାନ୍ୟ ଦେଇ ନିଜେ ପୁଅ ବୋହୂ ଙ୍କ ଠାରୁ ଦୂରେଇ, ରହିଥିଲେ ଯାଇ 'ବସୁନ୍ଧରା' ରେ ।

ସତ୍ୟବ୍ରତ କ'ଣ ମନେ ରଖିଥିଲା ସେଇ ଦିନର ମା'ଙ୍କ କଥା !

ପ୍ରକୃତିସ୍ଥ ହେଲେ ଡ଼ାଃ ସିଦ୍ଧାର୍ଥ । ଅଚାନକ ମନରେ ନୂଆ ଭାବନାଟିଏ ଉଙ୍କି ମାରିଲା । ବ୍ୟତିବ୍ୟସ୍ତ ହୋଇ ପଡିଲେ । ଆଜି ଅଡିଟୋରିୟମରେ ଯଦି କେହି ତାଙ୍କ ମା'ଙ୍କ ବିଷୟରେ ପଚାରି ଦେଇଥାନ୍ତା ? ସେ କି ଉତ୍ତର ଦେଇଥାନ୍ତେ ? ଏବେ ଯଦି କେହି ଆସି ଏମିତି ପ୍ରଶ୍ନ ଟିଏ ପଚାରି ଦେବ ? ଝାଳରେ ଜୁଡୁବୁଡୁ ହୋଇ ସାରିଥିଲେ ସେ । ହୋଟେଲରୁ ତୁରନ୍ତ ନିଷ୍କ୍ରାନ୍ତ ହେବାକୁ ତତ୍ପର ହୋଇ ପଡିଲେ ସେ ।

ପୋର୍ଟିକ ପାଖରେ ଦେଖାହେଲେ ମ୍ୟୁନିସିପାଲଟି ଚେୟାରମେନ ।-' ସାର୍, ଆପଣଙ୍କ ବକ୍ତବ୍ୟ ଆଜି ଖୁବ୍ ସୁନ୍ଦର ଥିଲା । ଏମିତିକା ପୁଅ ପାଇ ଆପଣଙ୍କ ମାଆ ଖୁବ୍ ଗର୍ବ ଅନୁଭବ କରୁଥିବେ ।'

' ଧନ୍ୟବାଦ' ରେ ଉତ୍ତର ଫେରାଇ ଗାଡ଼ି ଭିତରେ ନିଜକୁ ଲୁଚାଇବାକୁ ତୁରନ୍ତ ପ୍ରୟାସ କଲେ ଡ଼ାଃ ସିଦ୍ଧାର୍ଥ । ଗାଡି ଆଗକୁ ବଢାଇଲା ଡ୍ରାଇଭର । ଏତିକି ବେଳକୁ ତାଙ୍କ ପାଇଁ ଭିଡିଓ ଟିଏ ଆସିଲା ମୋବାଇଲରେ । ସେ ଭାବିଲେ ଆଜି ମିଟିଂର ଭିଡ଼ିଓ କିଏ ବୋଧହୁଏ ପଠାଇଛି । ଡାଉନଲୋଡ୍ କଲେ ତ ଜାଣିଲେ ଭିଡ଼ିଓ ଟି ସତ୍ୟବ୍ରତର । କିନ୍ତୁ ତାଙ୍କ ଅନୁମାନର କିଛି ଅଂଶ ଠିକ୍ । ଆଜି ମାଆ ଙ୍କ ଉପରେ ସେ ଦେଇଥିବା ବକ୍ତବ୍ୟର କିଛି କ୍ଲିପ୍ ସେ ପଠାଇଥିଲା ।ତୁରନ୍ତ ସେଇ ଟିକୁ ବନ୍ଦ କଲେ ସିଦ୍ଧାର୍ଥ ।

ପୁଣି ଗୋଟିଏ ଭିଡିଓ ସେଇ ସତ୍ୟବ୍ରତ ଠାରୁ ।ଦ୍ୱିଧା ବଶତଃ ଡାଉନଲୋଡ କଲେ ସିଦ୍ଧାର୍ଥ । ମା'ଙ୍କ ହସ ହସ ମୁହଁରେ ଅପୂର୍ବ ଲାବଣ୍ୟ ଖେଳୁଥିଲା ଯେମିତି । ବାପା ଯିବାପରେ ଏମିତି ଏକ ଖୁସି ମା'ଙ୍କ ମୁହଁରେ କେବେ ଦେଖି ନଥିଲେ ସିଦ୍ଧାର୍ଥ । ଏଥିପାଇଁ ନିଶ୍ଚୟ ସେ ହିଁ ଦାୟୀ ।

ମା'ଙ୍କ ତୀର୍ଥଯାତ୍ରା ର କିଛି ଅଂଶ ବି ପଠାଇଥିଲା ସତ୍ୟ । ମା'ଙ୍କ ହାତଧରି ପାହାଚ଼ ଚଢିବାରେ ସାହାଯ୍ୟ କରୁଥିବା ସତ୍ୟବ୍ରତ ମୁହଁରେ ଅମାୟିକ ହସ ଝଟକୁଥିଲା, ସେଇ ପିଲାଦିନର ହସ ଭଳି ।

-' ତୋ ପାଇଁ କରିଥିବା ମାନସିକ ସବୁ ମାଉସୀ ପୂରଣ କରିଥିବାରୁ ଆଜି ସେ ବହୁତ ଖୁସି । ମୋତେ ବିଶ୍ୱାସ କର ସିଦ୍ଧାର୍ଥ ! ମାଉସୀଙ୍କ ସାଙ୍ଗରେ ଆସିବା ଛଡା ଏ ଯାତ୍ରାରେ ମୋର ଆଉ କିଛି ଅବଦାନ ନାହିଁ । ଗୋଟିଏ ହେଲେ ବି ପଇସା ମୋତେ ଖର୍ଚ୍ଚ କରିବାକୁ ଦେଇ ନାହାଁନ୍ତି ମାଉସୀ । ସେଇ ସର୍ତ୍ତରେ ସେ ଆସିଥିଲେ । ମୁଁ ପଇସା ଖର୍ଚ୍ଚ କଲେ କାଳେ ତାଙ୍କ ପୁଅକୁ ଯେତିକି ସୌଭାଗ୍ୟ ମିଳିବା କଥା ବୋଧହୁଏ ମିଳିବ ନାହିଁ । ଏଇଟା ମୋର ଧାରଣା ।'

ଡାଃ ସିଦ୍ଧାର୍ଥଙ୍କ ଆଖିରେ ଏବେ ଅଶ୍ରୁର ପ୍ଲାବନ...! ଭାବୁଥିଲେ ସତ୍ୟବ୍ରତ ଜାଣୁ କି ନଜାଣୁ ମାଆ ନିଶ୍ଚୟ ତା ଭଳି ପୁଅର ମଙ୍ଗଳ କାମନା କରି ଠାକୁରଙ୍କ ପାଖରେ ଗୁହାରି କରୁଥିବେ ।

ସ୍ନେହ ଭିକ୍ଷୁ ସତ୍ୟବ୍ରତ ପରମ ସୌଭାଗ୍ୟ ଲାଭ କରିଛି ମା'ଙ୍କ ମନସ୍କାମନା ପୂରଣ କରିବାର ସୁଯୋଗ ପାଇ । ଅଥଚ୍ ସେ...!

କୁଞ୍ଜବିହାରୀ ଲେନ , କଟକ

ଜୀବନ୍ତ ଈଶ୍ୱର

ସୁଚରିତା ମହାନ୍ତି

ବର୍ଷ ତମାମ କିଛି ନା କିଛି ଦିବସ ମାନିବା ଆମର ପ୍ରଥା ନା ଦେଖେଇ ହେବା ର ବିକୃତ ମାନସିକତା ।ଏଇ ପ୍ରସଙ୍ଗ ହୁଏତ ଅନେକ ଙ୍କୁ ଖରାପ ଲାଗିପାରେ କିନ୍ତୁ ସତ ସବୁବେଳେ ସତ ।

ଆମେ ସମସ୍ତେ ମାତୃ ଦିବସ, ପିତୃ ଦିବସ, କନ୍ୟା ଦିବସ ବିଭିନ୍ନ ପ୍ରକାର ଖାଦ୍ୟ ଦିବସ, ଜନ୍ମ ଦିବସ, ବିବାହ ଦିବସ ଇତ୍ୟାଦି ଇତ୍ୟାଦି ପାଳନ କରିଥାଉ,ଖୁବ୍ ଆଡମ୍ବର ପୂର୍ଣ୍ଣ ସହକାରେ ।

ତା' ପୁଣି ସୋସିଆଲ ମିଡିଆ ରେ ପୋଷ୍ଟ କରି ପ୍ରଶଂସା ସାଉଁଟି ଥାଉ କାହିଁ ରେ କେତେ । ହେଲେ ପ୍ରକୃତ ରେ ଆମେ ଯାହା କରୁ ଏବଂ କହୁ ତାହା କରି ନଥାଉ ।

ଏଇ କୋଡ଼ିଏ ତିରିଶ ବର୍ଷ ମଧ୍ୟରେ ପିଲାମାନଙ୍କ ଭିତରେ ଏମିତି ଏକ ପରିବର୍ତ୍ତନ ଦେଖା ଦେଇଚି ଯାହା ଏବେ ଆମ ସମାଜ ରେ ଏକ ପ୍ରକାର ବ୍ୟାଧି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବାପା ମା' ତାଙ୍କ ଜୀବନ କାଳରେ ପିଲାଙ୍କୁ ମଣିଷ କରିବା ପାଇଁ ଅନେକ ତ୍ୟାଗ କରିଥାନ୍ତି, ଯାହା କି କେହି କେବେ ସେ ତ୍ୟାଗ ର କଳନା କରିପାରିବେ ନାହିଁ ।ସେଇ ତ୍ୟାଗ ବଳରେ ପିଲାମାନେ ମଣିଷ ହୋଇ ସମାଜରେ ପ୍ରତିଷ୍ଠିତ ହୋଇଥାନ୍ତି କିନ୍ତୁ ଶେଷକୁ ହୁଏ କ'ଣ । ପିଲାମାନେ ମଣିଷ ହେବା ପରେ ଏତେ ସ୍ୱାର୍ଥଲିପ୍ସୁ ହୋଇଯାନ୍ତି ଯେ ଯିଏ ଯାହା ବାଟରେ ମୁହଁ ମୋଡ଼ି ଦେଇ ଚାଲିଯାନ୍ତି ।

'କହିଲେ କୁଳ କୁଟୁମ୍ବ ଙ୍କୁ ଲାଜ' ଏକଥା ବାପା ମା' କାହା ଆଗରେ ବା କହିବେ । କେବେ କେବେ ଅତିଶୟ ହେଲେ ନିଜର ଅଭିମାନ କାହା ଆଗରେ ବ୍ୟକ୍ତ କରିଦେଇଥାନ୍ତି ।

ବାର୍ଦ୍ଧକ୍ୟ ଅବସ୍ଥାରେ ପିଲାମାନେ ତାଙ୍କ ପାଖରେ ରହିଲେ ସେମାନେ ଆଶ୍ୱସ୍ତି ଅନୁଭବ କରନ୍ତି । ପୁଅ ବୋହୂ ନାତି ନାତୁଣୀ ଙ୍କ ମଧ୍ୟରେ ହସିଖେଳି ସମୟ ବିତାଇବା କୁ ପସନ୍ଦ କରନ୍ତି,କିନ୍ତୁ ଆଜି କାଲି ର ପୁଅ ବୋହୂ ଙ୍କ ପାଖରେ ସମୟ ନାହିଁ ବାପା ମା' ଙ୍କର ସେବା କରିବା ପାଇଁ କି ଭଲମନ୍ଦ ବୁଝିବା ପାଇଁ । ବାପା ମା' ଖାଇଲେ ନ ଖାଇଲେ, କ'ଣ କେମିତି ଅଛନ୍ତି ସେଥିରେ ସେମାନଙ୍କର କିଛି ଫରକ ପଡ଼ ?ନାହିଁ ।

'ନିଜେ ବଞ୍ଚିଲେ ବାପ ର ନାଁ' ତେଣୁ ପିଲାଏ ଆଉ କାହା କଥା ଭାବି କ'ଣ ଲାଭ । ଯଦି ବାପା ମା'ଙ୍କ ପାଖରେ ଅର୍ଥ ଅଛି ତା'ହେଲେ ଜୀବନ ର ଶେଷ ସମୟ ପର୍ଯ୍ୟନ୍ତ କଷ୍ଟେ ମଷ୍ଟେ ଚଳି ଯାନ୍ତି ।ଆଉ ଯେଉଁମାନଙ୍କ ର କୌଣସି ପ୍ରକାର ସୁବିଧା ନଥାଏ ସେମାନେ ଅକଥନୀୟ ଅତ୍ୟାଚାର ସହି ସହି ଜୀବନ ହରାନ୍ତି ।

ବାର୍ଦ୍ଧକ୍ୟ ଅବସ୍ଥା ସତରେ କ'ଣ ଅଭିଶାପ ପାଲଟି ଯାଏ । ଯେଉଁ ବାପା ମା' 'ମୋ ପିଲା' 'ମୋ ପିଲା' କହି ନିଜକୁ ମାଟି କରିଦିଅନ୍ତି ।ସେ ପିଲା ବଡ଼ ହେଲେ କରେ କ'ଣ । ଏତେ ହତାଦର କରେ କାହିଁକି । ଶିକ୍ଷିତ ହୁଅନ୍ତୁ କି ଅଶିକ୍ଷିତ ଏବେ ଅଧିକାଂଶ ଘରେ ଏଇ ସମସ୍ୟାଟି ମୁଣ୍ଡ ଟେକିଛି ।

ହୁଁ କଥାରେ ଆମ ପାଇଁ କରିଚ଼ କ'ଣ । ନ'ହେଲେ କହନ୍ତି, 'ତମ କର୍ତ୍ତବ୍ୟ ତମେ କରିଚ଼ ଆଉ ଅଧିକ କ'ଣ କରିଚ଼ କି ।'ପ୍ରତ୍ୟେକ ବାପା ମା' ତାଙ୍କ ପିଲାଙ୍କ ପାଇଁ କରନ୍ତି ଏଇଟା କିଛି ନୂଆ କଥା ନୁହେଁ ।' ସେତେବେଳେ ବାପା ମା' ତାଙ୍କ ନିଜ ଗାଲରେ ଚାପୁଡ଼ା ମାରିବା ଭଳି ଲାଗେ ।

ଆପଣମାନେ ଭାବୁଥିବେ ମୁଁ ଏତେ କଥା କାହିଁକି କହୁଚି, ହଁ ଆଜ୍ଞା ଏଇଥି ପାଇଁ କହୁଚି, ଏବେ ଏବେ ପଣା ସଂକ୍ରାନ୍ତି ପାଳିତ ହୋଇଥିବା ବେଳେ ମୋ ମା' ତାଙ୍କ ପିଲାଙ୍କୁ ମନେ ପକେଇ ନିଜକୁ ଭାରି ନିସ୍ୱ ମଣୁଥିଲେ । ମୁଁ ସବୁଦିନ ଫୋନ୍ କରି ତାଙ୍କ ସହିତ କଥା ହୁଏ,କେବେ ଯଦି ମୁଁ ଫୋନ୍ କରିନାହିଁ ତେବେ ସେ ଫୋନ୍ କରି କଥା ହୁଅନ୍ତି । ବାପା ଯିବା ପରଠାରୁ ଆଉ ଏ ସଂସାରରେ ନିଜର ବୋଲି ତ କେବଳ ମା' ଅଛନ୍ତି ।ଆଉ ସବୁ ସଂପର୍କ ନାମକୁ ମାତ୍ର ।

ମୁଁ କାମ ସାରି ଫୋନ୍ କଲି ସମୟ ଅପରାହ୍ନ ପାଞ୍ଚଟା ବାଜିଥାଏ । ବହୁତ ସମୟ କଥା ହେବା ପରେ ଭାରି କଣ୍ଠରେ କହିଲେ, ଆଜି ତୋ ଦାଦା କି ନାନୀ କେହି ଫୋନ୍ ଟିକେ କଲେନି । ମୁଁ ତାଙ୍କୁ ବୁଝେଇଲି କିଏ କ'ଣ କାମରେ ବ୍ୟସ୍ତ ଥିବେ ସମୟ ପାଇଲେ କରିବେ । ମୁଁ ତ କଥା ହେଉଚି ତମ ସହିତ ।

ଗମ୍ଭୀର ସ୍ୱରରେ ହଁ ଟେ ମାରିଲେ ।

ମୋ ଆଖି ଛଳଛଳ ହୋଇ ଗଲା ,ନିଜକୁ ବହୁତ ଧିକ୍କାରିଲି । ସତରେ ଆମେ ପିଲାମାନେ ତାଙ୍କ ପାଇଁ କ'ଣ କରୁଚୁ !!

କଥାରେ ଅଛି- 'ଉପର ବରଡ଼ା ଖସୁଚି,ତଳ ବରଡ଼ା ହସୁଚି, ମଝି ବରଡ଼ା ଥାଇ ବୋଲୁଚି ମୋ ଦିନ କାଳ ଆସୁଚି ।'

ଆମେ ଯାହା କର୍ମ କରୁ ତା'ର ଫଳ ଆମକୁ ଭୋଗିବାକୁ ହିଁ ପଡ଼ିଥାଏ ।ତେଣୁ ଆମ ମାନଙ୍କ ର ଦାୟିତ୍ୱକୁ ଆମେ ଭୁଲିଯିବା ଉଚିତ ନୁହେଁ ।ସମସ୍ତ ପୁଅ ଝିଅ ବୋହୂମାନଙ୍କୁ ମୁଁ ଏତିକି କହିବି ନିଜ କର୍ତ୍ତବ୍ୟ ରେ କେବେ ଅବହେଳା କରନ୍ତୁ ନାହିଁ ।ଜୀବନ୍ତ ଈଶ୍ୱର ବାପା ମା' ଙ୍କୁ ପୂଜା କରନ୍ତୁ କୌଣସି କାଠ ,ପଥର ,ମାଟି ମୂର୍ତ୍ତି ରେ ଈଶ୍ୱର ନଥାନ୍ତି । ମିଛ ଭକ୍ତି ରେ ଭଗବାନ ନୁହନ୍ତି ବରଂ ନିଜ ଭାବନା ସହିତ ନିଜେ ଖେଳିବା ସାର୍ ହୁଏ ।

ମାହାଙ୍ଗା,କଟକ

ମୋ :୮୯୧୭୫୭୧୩୦୨

ଅତୀତ

ପୂର୍ଣ୍ଣଚନ୍ଦ୍ର ବହଳୀ

ପୂର୍ଣ୍ଣଚନ୍ଦ୍ର ବହଳୀ

କାହାର ଅତୀତ ନାହିଁ
କିଏ ଆଖିରେ ଛୁପାଏ
କିଏ ମନରେ ରେ ରଖେ
ଯେତେବେଳେ ଅତୀତର
ପୃଷ୍ଠା ଖୋଲିଯାଏ
କିଏ ତାକୁ ବନ୍ଦ କରିବାକୁ ଚେଷ୍ଟା କରେ
ଭବିଷ୍ୟତକୁ ଦେଖେ
କିଏ ହସି କରି କୋଳେଇ ନିଏ ତ
କିଏ କୋଳେଉ ନେଇପାରେ ନାହିଁ
ଲୁହରେ ଧୋଇଦିଏ ।
ଯେତେବେଳେ ଅତୀତ
ସାମ୍ନାକୁ ଆସିଯାଏ
ବିଶ୍ୱାସ ହୁଏ ନାହିଁ ଅତୀତ
ହୁଏ ତ ସେ ବହୁତ ଖୁସିରେ ଥିଲା
ହୁଏ ତ ଅତୀତ ତା ପାଇଁ
କେବଳ ଦୁଃଖ ହିଁ ଦୁଃଖ ଥିଲା
ଅତୀତକୁ ଦେଖି କିଏ ଟିକେ ହସିଦିଏ
ଆଉ କିଏ ଉଦାସ ହୋଇଯାଏ ।
ଅତୀତ ଯେବେ ସ୍ୱପ୍ନ ହୋଇଯାଏ
କିଏ ଭବିଷ୍ୟତ ପାଇଁ
ସୁନେଲି ସ୍ୱପ୍ନ ସଜାଏ
ଜୀବନକୁ ନୂଆ କରି
ଜିଇବାକୁ ଚେଷ୍ଟା କରେ ତ
କାହାପାଇଁ ଅତୀତ ସ୍ୱପ୍ନ ହେବା
ସହଜ ହୁଏ ନାହିଁ
ସୂର୍ଯ୍ୟ ଭଳି ଦିନ ସାରା ଜଳି ଜଳି
ଲାଲ ଅଙ୍ଗାର ସଦୃଶ ହୋଇ
କ୍ରମଶଃ ଶୀତଳ ହୋଇ
ଅନ୍ଧକାରରେ ହଜିଯାଏ
ନିଜକୁ ନିଜେ ଖୋଜିବା ପାଇଁ
ହଜାଇଲା କେତେ ପାଇଲା କେତେ ।

ସମ୍ପାଦକ, ଶିବାନୀ, ଭଦ୍ରକ

ଅଲିଭା ସ୍ୱାକ୍ଷର

ସୁଧାକର ରାଉତ

ଚେନାଏ ନିବିଡ଼ତାର ପରଶ
କେତେ ବା କା'ଠୁ କରିବ ଆଶା
ଅଞ୍ଜୁଳାଏ ଅନୁରାଗରେ ଭିଜିବା ପାଇଁ
କା ଉପରେ କରିବା ଭରସା
ପାର୍ଥିବ ସୁଖର ମୋହ ଚାଖିବା ପାଇଁ
କେତେ ବା ସମୟ ଉପରେ
କରିବ ରଙ୍ଗ ନ ବଦଳେଇବାର ପ୍ରତ୍ୟାଶା ।
ଆକାଶ,ପୃଥିବୀ ସବୁ ତ ଏଠି ବ୍ୟତିକ୍ରମ
ସେ ଅନତିକ୍ରମ୍ୟ ବ୍ୟତିକ୍ରମତାକୁ
ଘୁଞ୍ଚାଇବାକୁ କେତେ ବା କରିବ ପ୍ରୟାସ ।
ବଞ୍ଚିବା ଆଉ ବଞ୍ଚାଇବାକୁ ଯାଇ
ବିଜୟାକାଂକ୍ଷୀ ମନ ହରାଇବ
ତାର ଗଣ୍ଠିଧନ ,ସର୍ବସ୍ୱ ।
ଜୀବନର ସୁନିର୍ମଳ ଧାରରୁ
ମୁନ୍ଦାଏ ଜଳ କେତେ ବା ମାଗିବ
ଦୂର କରିବାକୁ ମନର ଉଦାସ ।
ଏଠି ତ ପବନରେ ଭରପୁର ଷଡଯନ୍ତ୍ର
କିପରି ତାକୁ ବି ମାଗିବ
ମହକାଇବାକୁ ତୁମ ବାସହୀନ ଶରୀର
ଆଉ ଅଭୀପ୍ସା ବହୁଳ ଜୀବନରେ
ଆଙ୍କିବାକୁ ଅଲିଭା ସ୍ୱାକ୍ଷର ।

ପ୍ରତାପ ନଗରୀ କଟକ
ମୋ – ୮୨୪୯୯୩୨୭୯୨

ପାନେ ଚାଖାଇଦେ ତୁହି

ଭାସ୍କର ରାଉତ

ଦେଖ ନିର୍ବାଚନ ଦେଲା ସେ ଦର୍ଶନ
ବଜାଇ ବିଗୁଲୁ ବାଜା
ଦେଖ ସବୁ ଦଳ ସେ ଚଳଚଞ୍ଚଳ
ହେଲେଣି ସେ ସାଜସଜ୍ଜା ।
ବାଜା ବଜାଇ ବୁଲିବେ,
ହାତଗୁଞ୍ଜା ଦେଇ ନିଶାପାଣି ପେଇ
ଭୋଓଟ ହାତେଇ ନେବେ।।
ବହୁରୂପୀ ପରି ଚରିତ୍ର ତାଙ୍କରି
ଆସି ବିଭିନ୍ନ ରୂପରେ
ଧରି ଗୋଡ଼ ହାତ ହୋଇଣ କାକୁସ୍ତ
କ ?ହିବେ ସେ ମଧୁରରେ ।
ହୋଇଗଲେ ନିର୍ବାଚିତ,
ରାଜଧାନୀ ଯାଇ ରହିଯିବେ ସେହି
ଦେଖା ଦେବେନାହିଁ ସେତା।
ଗଢ଼ିବେ ଆଇନି ଗଣିବୁ ଫାଇନି
ନିଜ କୋଷ ବଢ଼ାଇବେ
ଜନଙ୍କ ହିତରେ କହିଣ ଦାଣ୍ଡରେ
ଜନତାଙ୍କୁ ଭଣ୍ଡାଇବେ ।
ଭଲକି ଏହାଙ୍କୁ ଚିହ୍ନ,
ସଉତୁଣୀ ପରି କଳି କରି କରି
ବଖାଣୁ ଥିଲେ ସେ ଗୁଣା।
ଦେଖ ଏବେ ସେହି
କୋଳାକୋଳି ହୋଇ
ସରାଗରେ କହୁଛନ୍ତି
ଜନତାଙ୍କ ପାଇଁ ମୁଣ୍ଡକୁ ନୁଆଇଁ
ପତାଇ ଦେଲୁରେ ଛାତି ।
ନିଜ ସ୍ୱାର୍ଥରକ୍ଷା ପାଇଁ,
ମିଶିଗଲେ ସେହି ଭୁଆଁକୁ ବୁଲାଇ
ପାନେ ଚାଖାଇ

ମୋ ଓଡ଼ିଶା

ପୋଲିସ କାର୍ଯ୍ୟାନୁଷ୍ଠାନ ଦାବୀରେ ଗଣଧାରଣା

କୋଣାର୍କ (ପିଏନ୍)-କୋଣାର୍କ ଥାନାନ୍ତର୍ଗତ ଶିମିଳି ଗ୍ରାମ ପ ାୟତରେ ଦୁଇ ରାଜନୈତିକ ଗୋଷ୍ଠିର ବିବାଦ ପାଇଁ ସରକାରଙ୍କ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନହେବାରୁ ସରପ ଙ୍କ ସମର୍ଥକଙ୍କ ପକ୍ଷରୁ କୋଣାର୍କ ଥାନା ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା । ଘଟଣାରୁ ପ୍ରକାଶ ଯେ ଗତ ୩ ତାରିଖ ଦିନ ଶିମିଳି ଗ୍ରାମ ପ ାୟତରେ କିଛି ବ୍ୟକ୍ତି ସରପ ବିଶ୍ୱଜିତ ସ୍ୱାଇଁଙ୍କ ଅନୁପସ୍ଥିତିରେ ଶିମିଳି ଗ୍ରାମ ପ ାୟତ କାର୍ଯ୍ୟାଳୟରେ ପ୍ରବେଶ କରି କାର୍ଯ୍ୟରତ କର୍ମଚାରୀମାନଙ୍କୁ ମାରଧର କରି ଅଶ୍ରାବ୍ୟ ଭାଷାରେ ଗାଳିଗୁଳଜ କରିବା ସହ ସରକାରୀ କାଗଜାତ ଚିରାରିରି କରି କିଛି ଫାଇଲ ନେଇ ଯାଇଥିବା କୋଣାର୍କ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଲିଖିତ ଅଭିଯୋଗରୁ ଜଣାପଡିଛି କି ବିଜୟ କୁମାର ସେଠ୍, ଶରତ କୁମାର ବରାଳ, ଦୁଶ୍ମନ୍ତ କୁମାର ବରାଳ, ରଜନୀ ସେଠ୍, କୃଷ୍ଣମୋହନ ବାରିକ, ଲକ୍ଷ୍ମୀଧର ବାରିକ, ସନ୍ତୋଷ ବରାଳ ଓ ବଟକିଶୋର ସେଠ୍‌ଙ୍କ ସମେତ ୨୦ଜଣରୁ ଅଧିକ ବ୍ୟକ୍ତି ପ ାୟତ କାର୍ଯ୍ୟାଳୟରେ ପ୍ରବେଶ କରି ଏପରି କାଣ୍ଡ ଭିଆଇବା ପରେ ପ ାୟତ କାର୍ଯ୍ୟାଳୟକୁ ତାଲା ପକାଇ ରଖିଥିବା ସରପ ଶ୍ରୀ ସ୍ୱାଇଁ ଅଭିଯୋଗ କରିଛନ୍ତି । ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ ହୋଇ ବିଭିନ୍ନ ଦଫା ଲାଗିଥିଲେ ମଧ୍ୟ ସେମାନଙ୍କୁ ପୋଲିସ ଘ ଘୋଡାଉଥିବା ଏବଂ ଉଦ୍ଦେଶ୍ୟମୂଳକ ଭାବେ ଶାସକଦଳର ଏହି ଗୋଷ୍ଠିର ବ୍ୟକ୍ତିମାନେ ବାରମ୍ବାର ଏପରି କରୁଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ନହେବାରୁ ଏମାନେ ନିର୍ଭୟରେ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରି ଅରାଜକତା କରୁଥିବାରୁ ଶିମିଳି ପ ାୟତର ଶତାଧିକ ପୁରୁଷ ଓ ମହିଳା କୋଣାର୍କ ଥାନା ସମ୍ମୁରେ ଧାରଣାରେ ବସିରହିଥିଲେ । ଲଗାଣ ବର୍ଷା ହେଉଥିଲେ ବି ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଧାରଣାରେ ବସିରହିଥିବା ଦେଖିବାକୁ ମିଳିଥିଲା । ସନ୍ଧ୍ୟାରେ ବରିଷ୍ଠ ପୋଲିସ ଅଧିକାରୀମାନେ ଧାରଣାରତ ପ ାୟତବାସୀଙ୍କ ପାଖକୁ ଆସି ବୁଝାସୁଝା କରିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରତିଶ୍ରୁତି ଦେବା ପରେ ଧାରଣାରତ ପ ାୟତବାସୀମାନେ ଗଣଧାରଣାରୁ ହଟିଥିଲେ ।

ରେଳଲାଇନରେ ଯୁବକର ଆତ୍ମହତ୍ୟା

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ହରିଦାସପୁର ରେଳଷ୍ଟେସନ ନିକଟରେ ରେଳଲାଇନରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି । ସୂଚନା ମୁତାବକ ଏହି ଥାନା ଜାଏମା ପଂଚୟତ ଅନ୍ତର୍ଗତ ଅନ୍ତପୁର ଗ୍ରାମର ବାବନ ସାହୁଙ୍କ ପୁଅ ପ୍ରତାପ ରାଉତ(୩୫) ବୋଲି ଜଣାପଡିଛି । ପ୍ରତାପ ଜାରକାସ୍ଥିତ ଏକ ଲୁଗା ଦୋକାନରେ ସେଲ୍ସମ୍ୟନ ଭାବେ କାର୍ଯ୍ୟ କରୁଥିଲେ । ସେ ଗତକାଲି ସକାଳୁ ଘରୁ ରାଗିଯାଇ କେଉଁଆଡେ ନିଖୋଜ ହୋଇଯାଇଥିଲେ । ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କୁ ପାଇ ନଥିଲେ । ପରେ ଗତକାଲି ଅପରାହ୍ନରେ ତାଙ୍କର ଖଣ୍ଡବିଖଣ୍ଡିତ ମୃତଦେହ ରେଳଧାରଣାରୁ ମିଳିଥିଲା । ଖବର ପାଇ ଯାଜପୁର ରୋଡ ଜିଆରପି ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି ।

ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କୁ ଭେଟିଲା ସଂଗ୍ରାମୀ ଯୁବ ଛାତ୍ର ସଂଗଠନ

ଭୁବନେଶ୍ୱର (ପିଏନ୍): ଏକ ଦୈନିକ ସମ୍ବାଦପତ୍ରରେ ପ୍ରକାଶିତ ସମ୍ବାଦ 'ପୋଲ ନାହିଁ, ଭରାନଦୀରେ ପାର ହେଉଛନ୍ତି ୫୦ ପିଲା' ଶୀର୍ଷକ ରିପୋର୍ଟଟି ଅତ୍ୟନ୍ତ ଦୁଃଖଦାୟକ ଓ ଚିନ୍ତାଜନକ । ରିପୋର୍ଟ ଅନୁଯାୟୀ ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍‌ର ଘୁଗୁଡ଼ିପଡ଼ା ପ ାୟତ ଦେଇ ପ୍ରବାହିତ ହେଉଥିବା ବୃ ଙ୍ଗ ନଦୀର କାଚପଲ୍ଲୀ ଓ ଖଟୁଡ଼ି ଘାଟ ଦେଇ ୫୦ରୁ ଉର୍ଦ୍ଧ୍ୱ ପିଲା ବିପଦଶଙ୍କୁଳ ଅବସ୍ଥାରେ ପାଠ ପଢ଼ିବା ପାଇଁ ଭରା ନଦୀ ଭିତର ଦେଇ ପାର ହେଉଛନ୍ତି । ଏହି ନଦୀ ଉପରେ ଏକ ସେତୁ ନିର୍ମାଣ ପାଇଁ ଅ ଳବାସୀ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଉକ୍ତ ଘଟଣାକୁ ନେଇ ସଂଗ୍ରାମୀ ଯୁବ ଛାତ୍ର ସଂଗଠନ ତରଫରୁ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ଶ୍ରୀମତୀ ସନ୍ଧ୍ୟାବତୀ ପ୍ରଧାନଙ୍କ ସହିତ ଆଲୋଚନା କରାଯାଇଥିଲା । ଶ୍ରୀମତୀ ପ୍ରଧାନ ଘଟଣାଟିକୁ ଗମ୍ଭୀରତାର ସହକାରେ ନେଇ ମାମଲାଟିକୁ ପଞ୍ଜିକୃତ କରିବା ସହ ବିଭାଗୀୟ ଅଧିକାରୀଙ୍କଠାରୁ ରିପୋର୍ଟ ତଲବ ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । ଏହାସହ ପିଲାମାନେ ସ୍କୁଲକୁ ସୁବିଧାରେ ଯାଆସ କରିବା ପାଇଁ ଶୀଘ୍ର ସେତୁ ନିର୍ମାଣ ପାଇଁ ଆଦେଶ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସଂଗ୍ରାମୀ ଯୁବଛାତ୍ର ସଂଗଠନର ସଂଯୋଜକ ମୀର ଅହମ୍ମଦ ଅଲ୍ଲୀଙ୍କ ନେତୃତ୍ୱରେ ସହସଂଯୋଜିକା ବିନ୍ଦୁଜା ଉପାଧ୍ୟାୟ, ସ ୍ତା ମହାନ୍ତି, ସହସଂଯୋଜକ ବିନୋଦ କୁମାର ରାଉତ ଶ୍ରୀମତୀ ପ୍ରଧାନଙ୍କୁ ଭେଟିଥିଲେ ।

ହରିଦାସପୁର-ପାରଦୀପ ରେଳ ପ୍ରକଳ୍ପ: ଦୁଇବର୍ଷ ପରେବି ଚାଲିପାରିଲାନି ପ୍ୟାସେଞ୍ଜର ଟ୍ରେନ୍

କେନ୍ଦ୍ରାପଡ଼ା (ପିଏନ୍): ବହୁ ପ୍ରତିକ୍ଷିତ ହରିଦାସପୁର-ପାରଦୀପ ରେଳ ପ୍ରକଳ୍ପ ସଂପୂର୍ଣ୍ଣ ହେବାର ୨ବର୍ଷ ବିତିଯାଇଥିଲେ ମଧ୍ୟ ସେହି ରେଳପଥରେ ପ୍ୟାସଞ୍ଜର ଟ୍ରେନ୍ ଚାଲିପାରିଲା ନାହିଁ । ଏ ସମ୍ପର୍କରେ ରାଜନେତାଙ୍କ ସ୍ୱର ଧିରେ ଧିରେ ମଉଳି ଗଲାଣି । ଓଡିଶା ବିଧାନସଭାରେ ଜିଲ୍ଲାର ବିଧାୟକମାନେ ହରିଦାସପୁର-ପାରଦୀପ ରେଳପଥରେ ପ୍ୟାସେଞ୍ଜର ଟ୍ରେନ୍ ଚଲିବାକୁ ସ୍ୱର ଉ ାଳନ କରୁଛନ୍ତି ନା ଲୋକସଭାରେ ଓଡିଶାର ସାଂସଦ ମାନେ ଏ ସମ୍ପର୍କରେ କେନ୍ଦ୍ର ନିକଟରେ ଦାବି ଉପସ୍ଥାପନ କରୁଛନ୍ତି । କେନ୍ଦ୍ରାପଡା ପ୍ରତି ଏହା ଏକ ବୈମାତୃକ ମନୋଭାବ ବୋଲି ଜିଲ୍ଲାବାସୀ ଧରି ନେଲେଣି । ଓଡିଶାର ପ୍ରମୁଖ ବନ୍ଦର ଥିବା ସହରକୁ ସଂଯୋଗ କରୁଥିବା ପାରାଦୀପ-ହରିଦାସପୁର ରେଳପଥ ଦୀର୍ଘବର୍ଷର ଦାବି ପରେ ସମ୍ଭବ ହୋଇପାରିଛି । ଗତ୨୦୨୦ ମସିହା ଜୁଲାଇ ମାସ ୩୦ ତାରିଖରେ ଏହି ରେଳପଥରେ ପ୍ରଥମ କରି ମାଲବାହୀ ଟ୍ରେନ୍ ଚଳାଚଳ ଆରମ୍ଭ କରିଥିଲା । ସେହି ସମୟରେ ଏହି ରେଳପଥରେ ଖୁବ୍ ଶୀଘ୍ର ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ଦୀର୍ଘ ୮୨ କି.ମି ବିଶିଷ୍ଟ ଏହି ରେଳପଥରେ ବିଭିନ୍ନ ସ୍ଥାନରେ ହୋଇଥିବା ରେଳଷ୍ଟେସନର ଉନ୍ନତିକରଣ କରାଯିବା ପରେ ପ୍ୟାସେଞ୍ଜର ଟ୍ରେନ୍ ଚାଲିବ ବୋଲି ପୂର୍ବରୁ ରେଳପଥ ପକ୍ଷରୁ କୁହାଯାଇଥିଲା । ୧୯୯୭ ମସିହାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହରିଦାସପୁର-ପାରାଦୀପ ରେଳପଥ ଘୋଷଣା କରାଯାଇ ଜମି ଅଧିଗ୍ରହଣ କାମ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟ ୨୦୦୭ରେ ଶେଷ ହେବାର ଥିବାବେଳେ ଜମି ଅଧିଗ୍ରହଣ ସମସ୍ୟା ଯୋଗୁଁ ବିଳମ୍ବ ଘଟିଥିଲା । ୨୦୨୦ ଜୁନ୍‌ରେ ପ୍ରକଳ୍ପ କାର୍ଯ୍ୟ ଶେଷ କରାଯାଇ ପରୀକ୍ଷାମୂଳକ ଭାବେ ମାଲବାହୀ ଟ୍ରେନ୍ ଚାଲିବା ଆରମ୍ଭ ହୋଇଥିଲା । ଏହି ରେଳପଥ ମଧ୍ୟରେ ୯ଗୋଟି ଷ୍ଟେସନ ରହିଛି । ସେଥିମଧ୍ୟରୁ ଯାଜପୁର ଜିଲ୍ଲାର ହରିଦାସପୁର, ଚଣ୍ଡିଖୋଲ, ରତ୍ନଗିରି ରୋଡ୍, ଲଳିତଗିରି, ବାଜିପଡା ଥିବାବେଳେ କେନ୍ଦ୍ରାପଡା ଜିଲ୍ଲାର କେନ୍ଦ୍ରାପଡା, ମାର୍ଶାଘାଇ, କଳାଗଡ, ନୂଆଗାଁ ଓ ସିଜୁ ଷ୍ଟେସନ ରହିଛି । ଏହି ସବୁ ଷ୍ଟେସନ ଗୁଡିକକର ଉନ୍ନତିକରଣ କାର୍ଯ୍ୟ ରେଳ ବିକାଶ ନିଗମ ପକ୍ଷରୁ ହାତକୁ ନିଆଯାଇଛି । ତେବେ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ହେତୁ ବିକାଶ ପ୍ରକ୍ରିୟାରେ ବାଧା ସୃଷ୍ଟି ହେବା ସହିତ ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳରେ ଅନିଶ୍ଚିତତା ଦେଖାଦେଇଛି । ୨୦୨୧ କେନ୍ଦ୍ର ବଜେଟରେ ଏହି ରେଳପଥ ପାଇଁ ଏକଶହ କୋଟି ଟଙ୍କା କେନ୍ଦ୍ର ସରକାରଙ୍କ ପକ୍ଷରୁ ମଞ୍ଜୁର କରାଯାଇଥିଲା । ଏହି ଅର୍ଥରେ ୨ ଜିଲ୍ଲାରେ ଥିବା ରେଳଷ୍ଟେସନର ଉନ୍ନତିକରଣ କରାଯିବା ସହ ଷ୍ଟେସନ ଗୁଡିକରେ ଯାତ୍ରୀ ବିଶ୍ରାମାଗାର, ଶୌଚାଳୟ, ଅପେକ୍ଷାଗାର ପ୍ରଭୃତି ନିର୍ମାଣ ପାଇଁ ପ୍ରସ୍ତାବ ରହିଥିଲା । କିନ୍ତୁ ସେହି ଅର୍ଥକୁ ରେଳଷ୍ଟେସନ କାର୍ଯ୍ୟରେ ନିୟୋଜିତ କରାଯାଇନଥିବା ଅଭିଯୋଗ ହୋଇଛି । ଏହି ରେଳ ପ୍ରକଳ୍ପ ବିଷୟରେ ପୂର୍ବତଟ ଲୋକସମ୍ପର୍କ ଅଧିକାରୀ ନିରାକାର ଦାସଙ୍କ ସହ ଯୋଗାଯୋଗ କରିବାରୁ ଆସନ୍ତା ଡିସେମ୍ବର ସୁଦ୍ଧା ଏହି ପ୍ରକଳ୍ପରେ ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳ କରିବ ବୋଲି ସେ କହିଛନ୍ତି । ଏହି ରେଳ ପ୍ରକଳ୍ପରେ ପ୍ୟାସେଞ୍ଜର ଟ୍ରେନ୍ ଚାଲିଲେ ଜଗତସିଂହପୁର, ପାରାଦୀପ ସହିତ କେନ୍ଦ୍ରାପଡା, ଯାଜପୁର ପ୍ରଭୃତି ଜିଲ୍ଲାର ଲକ୍ଷାଧିକ ଲୋକ ଉପକୃତ ହୋଇପାରିବେ । ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ବିଧୁଭୂଷଣ ମହାପାତ୍ରଙ୍କ କହିବା ଅନୁଯାୟୀ ଏହି ରେଳ ପ୍ରକଳ୍ପ ଯୋଗୁଁ କେନ୍ଦ୍ରାପଡା ଜିଲ୍ଲାବାସୀ ଜମି ଏବଂ ଭୂମି ହରାଇ ବହୁ କଷ୍ଟ ସ୍ୱୀକାର ସହିଛନ୍ତି । ଏଥିସହିତ ଏହି ରେଳ ପ୍ରକଳ୍ପ ପାଇଁ ଜିଲ୍ଲାର ବିଭିନ୍ନ ଅ ଳରୁ ଯେଉଁ ମାଟି ଯୋଗାଣ ହୋଇଛି, ତାହା ଆସନ୍ତା ଏକଶହ ବର୍ଷ ପର୍ଯ୍ୟନ୍ତ ପୂରଣ ହୋଇପାରିବ ନାହିଁ । ଏଥିସହିତ ଏହି ରେଳ ପ୍ରକଳ୍ପ ଯୋଗୁଁ ଜଳ ନିଷ୍କାସନ ଏକ ମୁଖ୍ୟ ସମସ୍ୟା ପାଲଟିଛି । ଦୂରଦୃଷ୍ଟିର ଅଭାବ ଯୋଗୁଁ ଉଦବୃ ବର୍ଷା ଏବଂ ବନ୍ୟା ଜଳ ନିଷ୍କାସନ ନିମନ୍ତେ ରେଳ ପ୍ରକଳ୍ପ କ ର୍ତ୍ତୃପକ୍ଷଙ୍କ ଅପାରଗତା ଯୋଗୁଁ ରେଳଧାରଣାର ଉଭୟ ପାର୍ଶ୍ୱରେ ଜଳ ଜମି ରହିବାରୁ ଏହା ଏକ ଜୋର ଭଳି ଭ୍ରମ ସୃଷ୍ଟି କରିବା ସହିତ ହଜାର ହଜାର ଏକର ଜମିରେ ଜଳ ନିଷ୍କାସନ ହୋଇ ନପାରିବାରୁ ଫସଲ ହାନି ଘଟୁଛି । ତେଣୁ ତୁରନ୍ତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ରେଳ ପ୍ରକଳ୍ପରେ ପ୍ୟାସେଞ୍ଜର ଟ୍ରେନ୍ ଚଳାଚଳ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାବାସୀଙ୍କ ପକ୍ଷରୁ ଦାବି କରାଯାଇଛି ।

ଭୁଲ ମାଗିବାରୁ ଠକକୁ ଛାଡ଼ିଦେଲା ପୋଲିସ୍

ଧର୍ମଶାଳା (ପିଏନ୍): ଭୁଲ୍ ମାଗିବାରୁ ଜଣେ ଠକକୁ ଛାଡ଼ିଦେଲା ପୋଲିସ୍ । ଧର୍ମଶାଳା ଥାନା ଅନ୍ତର୍ଗତ ମିର୍ଜାପୁର ପ ାୟତ ମୁଣ୍ଡମାଳ ଗ୍ରାମର ଜଣେ ଯୁବକ ହନୁମାନ ପଇସା ଦେବ କହି କେତେକ ଲୋକଙ୍କ ଠାରୁ ଟଙ୍କା ଠକି ନେଇଥିଲା । ହନୁମାନ ପଇସା ଦେଇପାରୁ ନଥିବାରୁ ଟଙ୍କା ଦେଇଥିବା ଲୋକ ତାକୁ ମାରପିଟ୍ କରିଥିଲେ । ନିଜ ଗାଁରେ ତାକୁ ହଟହଟା ହେବାକୁ ପଡ଼ିଛି । ଜଣେ ଯୁବତୀଙ୍କୁ ଦେହ ବ୍ୟବସାୟରେ ଲିପ୍ତ କରିବା ପାଇଁ ପ୍ରବର୍ତାଉଥିବା ବେଳେ ଧରା ପଡ଼ିଥିଲା । ପରିବାର ଲୋକ ଘଟଣା ସଂପର୍କରେ ଜାଣି କୋତପୁର ଫାଣ୍ଡିରେ ଏତଲା ଦେବା ପରେ ପୁଲିସ୍ ତାକୁ ଉଠାଇ ନେଇଥିଲା । ଫାଣ୍ଡିରେ ଉକ୍ତ ଯୁବତୀଙ୍କ ପରିବାର ଲୋକଙ୍କୁ ଭୁଲ୍ ମାଗିବା ସହ ମଧ୍ୟସ୍ଥିଙ୍କ ମାଧ୍ୟମରେ ଘଟଣାର ସମାଧାନ କରି ଫେରିଥିବା ଜଣାପଡ଼ିଛି । ପ୍ରକାଶ ଯେ, ମୁଣ୍ଡମାଳ ଗ୍ରାମର ସଂପୃକ୍ତ ଯୁବକ ଏକ ର୍ୟାକେଟ୍ କରି ଧର୍ମଶାଳା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କେତେକ ଲୋକଙ୍କୁ ହନୁମାନ ପଇସା ଦେବ ବୋଲି କହି ଟଙ୍କା ଅଗ୍ରିମ ଆଣିଥାଏ । ଟଙ୍କା ଠକି ନେବାପରେ ଆଉ ଧରାଛୁଆଁ ଦିଏନାହିଁ । ଏଥିପାଇଁ ଉକ୍ତ ଯୁବକ ବହୁବାର ଲୋକଙ୍କ ଆକ୍ରୋଶର ଶିକାର ହୋଇଛି । ଏହା ସତ୍ତ୍ୱେ ନୂଆ ନୂଆ ସ୍ଥାନରେ ପହ ିଁ ଲୋକଙ୍କୁ ହନୁମାନ ପଇସା ଦେବ ବୋଲି କହି ନିଜ ର୍ୟାକେଟ୍ ସହଯୋଗରେ ଟଙ୍କା ଲୁଟି ନେଉଥିଲା । ସେହିପରି ଝିଅପିଲାଙ୍କୁ ନାଚ ଶିଖାଇବ ବୋଲି କହି ସେମାନଙ୍କୁ ଅନୈତିକ କାମରେ ଲଗାଉଥିବା ନେଇ ତା' ନାଁରେ ବହୁ ଅଭିଯୋଗ ରହିଛି । ଏହିପରି ଅନେକ ଅଭିଯୋଗ ସ୍ଥାନୀୟ ଅ ଳର କିଛି ମଧ୍ୟସ୍ଥିଙ୍କ ମାଧ୍ୟମରେ ସମାଧାନ କରି ଉକ୍ତ ଯୁବକ ଆଇନ ଜାଲରୁ ଖସି ଯାଉଥିବା ଜଣାପଡ଼ିଛି ।

ଶିଶିର ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ଅଙ୍ଗୁଳାଇ ନିକଟସ୍ଥ ଜରିପଡା ଗ୍ରାମରେ ସମାଜସେବୀ ଶିକ୍ଷକ ନେତା ଶିଶିର ଦାସଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ସମାଜସେବୀ ଭଜକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅମୀୟ କୁମାର ନାୟକ ଗୀତାପାଠ କରିଥିଲେ । ସ୍ୱର୍ଗତ ଦାସଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ପରେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସେ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ଅଙ୍ଗୁଳାଇ ଶାଖାର ସଭାପତି ରହିବା ସହ ଅନେକ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିଲେ । ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଡଃ. ଉପେନ୍ଦ୍ର ନାଥ ପ୍ରଧାନ, ସମ୍ପାଦକ କରୁଣାକର ଦାସ, ସଂଗଠନ ସମ୍ପାଦକ ବୈଷ୍ଣବ ଚରଣ ସ୍ୱାଇଁ, କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଧ୍ୟାପକ ଅଜୟ ସାମଲ, ମାର୍ଶାଘାଇ ପ ାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଗୌରାଙ୍ଗ ଚରଣ ଲେଙ୍କା, ଅରବିନ୍ଦ ପରିଡା, ସୁରେଶ ଚନ୍ଦ୍ର ପଟ୍ଟନାୟକ, ନୀଳମାଧବ ରାଉତ, ନେତ୍ରାନନ୍ଦ କର, ବଳରାମ ସାହୁ, ଶ୍ରୀକାନ୍ତ ସାହୁ, ଉମାକାନ୍ତ ଦାସ ପ୍ରମୁଖ ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରିବାର ପକ୍ଷରୁ ସାନଜ୍ୱାଇଁ ଓ ନାତୁଣୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ପରିବାର ଏବଂ ଅ ଳ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ ।

କେନାଲରୁ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ହରିଦାସପୁର ପଂଚାୟତ ଅନ୍ତର୍ଗତ ଚାରବାଟିଆସ୍ଥିତ ଏକ କେନାଲରୁ ଗତକାଲି ସନ୍ଧ୍ୟାରୁ ନିଖୋଜ ଥିବା ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ଜଣକ ଏହି ପଂଚାୟତ କୋହ୍ନୁ ଗ୍ରାମର ମକର ସାହାଣୀ (୬୫) ବୋଲି ଜଣାପଡିଛି । ସେ ଗତକାଲି ସନ୍ଧ୍ୟାରେ ଘରୁ ଆସି ଆଉ ଫେରିନଥିଲେ । ପରିବାର ଲୋକେ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରି ପାଇ ନଥିଲେ । ହେଲେ ଆଜି ଅପରାହ୍ନରେ ସ୍ଥାନୀୟ ଅଂଚଳର କିଛି ଲୋକ ଶୌଚ ହେବାକୁ କେନାଲକୁ ଯାଇଥିବା ବେଳେ ଏକ ମୃତଦେହ ଭାସୁଥିବା ଦେଖିଥିଲେ । ପରବର୍ତ୍ତୀ ସମୟରେ ଏହା ସ୍ଥାନୀୟ କୋହ୍ନୁ ଗ୍ରାମର ମକର ସାହାଣୀଙ୍କ ମୃତଦେହ ବୋଲି ସ୍ଥାନୀୟ ଲୋକେ ଚିହ୍ନଟ କରି ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଧର୍ମଶାଳା ଥାନା ପୁଲିସ ସେଠାରେ ପହଁଚି ମୃତଦେହକୁ ଜବତ କରିବା ସହ ୨୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ଜିଲ୍ଲାରେ ପ୍ରଥମ ଥର ତିନିଜଣ ଭିନ୍ନକ୍ଷମଙ୍କୁ ଥେରାପିଉଟିକ ସେବା ପାଇଁ ଭୁବନେଶ୍ୱର ପ୍ରେରଣ

କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଭୁବନେଶ୍ୱରର ପୋଖରୀପୁଟ ଠାରେ ରାଜ୍ୟ ଭିନ୍ନକ୍ଷମ ଅନୁଷ୍ଠାନ ଗଠନ କରି ସେଠାରେ ଏକ ବର୍ଷରୁ ୧୪ ବର୍ଷ ମଧ୍ୟରେ ଆସୁଥିବା ବିଭିନ୍ନ ପ୍ରକାର ଭିନ୍ନକ୍ଷମଙ୍କୁ ବିଭିନ୍ନ ପ୍ରକାର ଥେରାପିଉଟିକ ସେବା ଓ ସ୍ୱତନ୍ତ୍ର ଶିକ୍ଷା (ସଙ୍ଗୀତ, କଳା, କ୍ରୀଡ଼ା) ଦେବା ପାଇଁ ବ୍ୟବସ୍ଥା କରାଯାଇଛି । ସେଠାରେ ଅଭିଜ୍ଞ ପ୍ରଶିକ୍ଷକମାନେ ରହି ମାଗଣାରେ ଏହି ସେବା ଯୋଗାଇ ଦେଉଛନ୍ତି । ସେଠାରେ ରହୁଥିବା ଭିନ୍ନକ୍ଷମ ଓ ଜଣେ ସହାୟକଙ୍କ ରହିବା, ଖାଇବା ମାଗଣାରେ ଯୋଗାଇ ଦେବାର ବ୍ୟବସ୍ଥା ଅଛି । ଏପରିକି ତାଙ୍କ ଘରଠାରୁ ଉକ୍ତ ଅନୁଷ୍ଠାନ ପର୍ଯ୍ୟନ୍ତ ସରକାରୀ ଖର୍ଚ୍ଚରେ ନେଇ ପହ ାଇବା ଓ ଫେରାଇଆଣି ଘରେ ପହ ାଇବାର ବ୍ୟବସ୍ଥା ରହିଛି ।

ଏହି ମର୍ମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକର ଶଙ୍ଖପଦା ଗ୍ରାମର ରାଜକିଶୋର ସ୍ୱାଇଁଙ୍କ ଦୁଇ ଯାଆଁଳା ପିଲା ଅହମ ସ୍ୱାଇଁ (୪ ବର୍ଷ

ମୋ ସହର

ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର

ଭୁବନେଶ୍ୱର,୨୭।୧୦(ପି.ଏନ): କେନ୍ଦ୍ରରେ ବି.ଜେ.ପି ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି । ଏହି ସମ୍ମିଳନୀରେ ଏ.ଆ।ଇ.ଟି.ୟୁ.ସି., ସି.ଆଇ.ଟି.ୟୁ.,ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି । ଏହି ସମ୍ମିଳନୀକୁ ବିଧିବଧ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ । ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି । ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଦନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାଙ୍କ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ । ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇକ୍ଷକ୍ଷଗଝ ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଓଓଗଝ ର ସଦସ୍ୟ ଥିଲେ । ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ । ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ ସେଠୀ, ବିଷ୍ଣୁ ରଥ, ବିଜୟ ଦ୍ୱିବେଦୀ, ବିଜୟ ବୋଇତଇ, ଚନ୍ଦ୍ରକାନ୍ତ ଖଣ୍ଡେଇ ଓ ରମାକାନ୍ତ ଗାହାଣ ପ୍ରମୁଖ ଯୋଗଦେଇଥିଲେ ।

2024-2025
ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
Special discount for new admission before 15.03.2023
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservition as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉସ୍ୱବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୂର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ୍ୟ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି(ଓଡ଼ିଶୀଶୀକେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷୀରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Sunday June 02, 2024 | ଭୁବନେଶ୍ୱର ରବିବାର, ଜୁନ ୦୨,୨୦୨୪ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

କିଟ୍ ଓ କିସ୍ ଏଫ୍‌ଆଇଭିବି ଭଲିବଲ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସହଯୋଗୀ

ନୂଆ ଫାଉଣ୍ଡେସନ୍ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଏଫ୍‌ଆଇଭିବି ସଭାପତିଙ୍କ ଘୋଷଣା

ଭୁବନେଶ୍ୱର,(ପି.ଏନ): ଅନ୍ତର୍ଜାତୀୟ ଭଲିବଲ୍ ସଂଘ (ଏଫ୍‌ଆଇଭିବି) ପକ୍ଷରୁ ନୂଆକରି ଗଠନ କରାଯାଇଥିବା ଏଫ୍‌ଆଇଭିବି ଭଲିବଲ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସହଯୋଗୀ ଭାବେ ଭାରତର ଖ୍ୟାତି ସମ୍ପନ୍ନ ଅନୁଷ୍ଠାନ କିଟ୍ ଓ କିସ୍‌ର ନାମ ଘୋଷଣା କରାଯାଇଛି । ଗତ ମେ ୩୦ ତାରିଖରେ ଏଫ୍‌ଆଇଭିବି ପକ୍ଷରୁ ସୁଇଜରଲାଣ୍ଡର ଜେନେଭାଠାରେ ଥିବା ଏହାର ମୁଖ୍ୟାଳୟରେ ନୂତନ କରି ଏଫ୍‌ଆଇଭିବି ଭଲିବଲ୍ ଫାଉଣ୍ଡେସନ୍‌ର ଶୁଭାରମ୍ଭ ଅବସରରେ ଏଫ୍‌ଆଇଭିବି ସଭାପତି ଡ. ଆରି ଗ୍ରାକା କିଟ୍ ଓ କିସ୍ ନାମ ଘୋଷଣା କରିଥିଲେ । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସମାଜସେବା କ୍ଷେତ୍ରରେ କରିଥିବା କାର୍ଯ୍ୟରେ ଅନୁପ୍ରାଣୀତ ହୋଇ ଏଫ୍‌ଆଇଭିବି ପକ୍ଷରୁ ଏହି ପ୍ରୟାସ ଆରମ୍ଭ ହୋଇଛି । ସମଗ୍ର ବିଶ୍ୱରେ ଭଲିବଲ ମ୍ୟାଚ୍ ଆୟୋଜନ କରି ଏଫ୍‌ଆଇଭିବି ସେଥିରୁ କିଛି ଅର୍ଥ ଦାନ ଆକାରରେ ଗ୍ରହଣ କରିବ । ଏହି ଦାନ ଅର୍ଥକୁ ଏଫ୍‌ଆଇଭିବି ବିଶ୍ୱର ବିଭିନ୍ନ ଦେଶରେ ସମାଜସେବା କ୍ଷେତ୍ରରେ ବିନିଯୋଗ କରିବା ହେଉଛି ଏଫ୍‌ଆଇଭିବି ଭଲିବଲ୍ ଫାଉଣ୍ଡେସନ୍‌ର ମୁଖ୍ୟ ଲକ୍ଷ୍ୟ । ଏଫ୍‌ଆଇଭିବି ଭଲିବଲ୍ ଫାଉଣ୍ଡେସନ୍ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ସଭାପତି ଥୋମାସ ବାକ୍‌ଙ୍କ ସମେତ ସମଗ୍ର ବିଶ୍ୱରୁ ୨ଶହରୁ ଊର୍ଦ୍ଧ୍ୱ ଦେଶରେ ଥିବା ଭଲିବଲ୍ ସଂଘର ପ୍ରତିନିଧି ଓ ଅନ୍ୟାନ୍ୟ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।ମେ ୩୦ ତାରିଖରେ ଏ ନେଇ ଏଫ୍‌ଆଇଭିବି ଓ କିଟ୍ ଓ କିସ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ଥିଲେ ମଧ୍ୟ ନିର୍ବାଚନ ଯୋଗୁଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉପସ୍ଥିତ ରହି ନ ପାରିବାରୁ ଏହି ବୁଝାମଣା ପରେ ସ୍ୱାକ୍ଷରିତ ହେବ । ସୂଚନାଯୋଗ୍ୟ, କ୍ରୀଡ଼ା କ୍ଷେତ୍ରରେ କିଟ୍ ଓ କିସ୍‌ର ଅବଦାନ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରଛି । ବିଶ୍ୱରେ ଯେତେସବୁ କ୍ରୀଡ଼ା ସଂଘ ରହିଛି ସମସ୍ତେ କ୍ରୀଡ଼ା ପ୍ରତି କିଟ୍ ଓ କିସ୍‌ର ଥିବା ଅବଦାନକୁ ପ୍ରଶଂସା କରିଆସିଛନ୍ତି । ସଂପ୍ରତି ଏଫ୍‌ଆଇଭିବି କିଟ୍ ଓ କିସ୍‌କୁ ଏଫ୍‌ଆଇଭିବି ଭଲିବଲ୍ ଫାଉଣ୍ଡେସନ୍‌ର ଏକମାତ୍ର ସହଯୋଗୀ ଶିକ୍ଷାନୁଷ୍ଠାନ ଭାବେ ଗ୍ରହଣ କରିଛି । ଫାଉଣ୍ଡେସନ୍ ଶୁଭାରମ୍ଭ ଅବସରରେ ଏଫ୍‌ଆଇଭିବି ସହ କିଟ୍ ଓ କିସ୍‌ର ଲୋଗୋ ରଖି କିଟ୍ ଓ କିସ୍‌କୁ ଏହାର ସହଯୋଗୀ ଅନୁଷ୍ଠାନ ଘୋଷଣା କରାଯାଇଥିଲା । ଏହା ସହ କିଟ୍ ଓ କିସ୍‌କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି ସଫଳତାରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏଫ୍‌ଆଇଭିବି, ଏହାର ସଭାପତି ଡ. ଆରି ଗ୍ରାକ. ମହାନିର୍ଦ୍ଦେଶକ ଫାବିଓ ଆଜେଭେଦୋଙ୍କୁ ନିଜର କୃତଜ୍ଞତା ଜଣାଇଛନ୍ତି । ଶ୍ରୀ ସାମନ୍ତ କହିଛନ୍ତି "ମୋ ସମାଜସେବା କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଏଫ୍‌ଆଇଭିବି ବିଭିନ୍ନ ଦେଶରେ ଭଲିବଲ୍ ଆୟୋଜନ ସହ ସମାଜସେବା କରିବା ନେଇ ନିଷ୍ପତ୍ତି ନେଇଥିବାରୁ ମୁଁ ଏଫ୍‌ଆଇଭିବିକୁ ସାଧୁବାଦ ଜଣାଉଛି । ନିର୍ବାଚନ ଯୋଗୁଁ ମୁଁ ଜେନେଭାରେ ଉପସ୍ଥିତ ରହିପାରି ନ ଥିଲେ ମଧ୍ୟ ଏଫ୍‌ଆଇଭିବି କିଟ୍ ଓ କିସ୍ ଅନୁଷ୍ଠାନକୁ ଯଥେଷ୍ଟ ସମ୍ମାନୀତ କରିଛନ୍ତି ।" ସମଗ୍ର ବିଶ୍ୱରୁ କିଟ୍ ଓ କିସ୍‌କୁ ଏକମାତ୍ର ସହଯୋଗୀ ଅନୁଷ୍ଠାନ ଭାବେ ଏଫ୍‌ଆଇଭିବି ଭଲିବଲ୍ ଫାଉଣ୍ଡେସନ୍ ଗ୍ରହଣ କରିଥିବାରୁ ଏହା ଓଡ଼ିଶା ଓ ସମଗ୍ର ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଶ୍ରୀ ସାମନ୍ତ କହିଛନ୍ତି ।

କିଶୋର ଦ୍ୱିବେଦୀ ଭୋଟ ଦେବାରୁ ବଂଚିତ

ଭୁବନେଶ୍ୱର,(ପି.ଏନ): ବିଶିଷ୍ଟ ସାମ୍ବାଦିକ ଓ ୱାର୍ଲ୍ଡ ଓଡିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀଙ୍କ ନାମ ଭୋଟର ତାଲିକାରୁ ଗାଏବ ହୋଇ ଯାଇଥିବାର ଖବର ମିଳିଛି ଓ ଭୋଟର ପରିଚୟ ପତ୍ର ଥାଇ ମଧ୍ୟ ସେ ଭୋଟଦାନ କରିବାରୁ ଆଜି ବଂଚିତ ହୋଇଛନ୍ତି । ଶ୍ରୀ ଦ୍ୱିବେଦୀ ଯାଜପୁର ଜିଲ୍ଲା ଅନ୍ତର୍ଗତ ବରୀ ଗ୍ରାମ ପଂଚାୟତର ଭୋଟର ଓ ସେ ଦିଲ୍ଲୀରେ ରହୁଥିଲେ ସୁଦ୍ଧା ୨୦୧୪ ଓ ୨୦୧୯ ର ସାଧାରଣ ନିର୍ବାଚନ ସମୟରେ ଗାଁ ରେ ଆସି ଭୋଟ ଦେଇଥିଲେ । ଭୋଟର ତାଲିକାରୁ ଶ୍ରୀ ଦ୍ୱିବେଦୀଙ୍କ ନାମ କଟିଥିବା ବେଳେ ତାଙ୍କର ୨୦ ବର୍ଷୀୟ ପୁଅ ନନ୍ଦନ ଦ୍ୱିବେଦୀଙ୍କର ନାମ ପ୍ରଥମ ଥରର ମତଦାତା ଭାବେ ନିର୍ବାଚନୀ ସୂଚୀରେ ସାମିଲ କରାଯାଇଥିବା ଜଣାଯାଇଛି ନନ୍ଦନ ଆଜି ବରୀ ସ୍ଥିତ ଉର୍ଦୁ ୟୁଜିଏମଇ ବିଦ୍ୟାଳୟ ଭୋଟକେନ୍ଦ୍ର ଠାରେ ଭୋଟ ଦେଇ ଥିବା ଜଣାଯାଇଛି ।

ହରିଦ୍ୱାରରେ ଶ୍ରୀଜଗନ୍ନାଥ ପାଞ୍ଚ ରାତ୍ର କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର,(ପି.ଏନ): ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ପ୍ରଚାର ସମିତି ପକ୍ଷରୁ ହରିଦ୍ୱାରରେ ମହାପ୍ରଭୁ ଙ୍କ ପ୍ରଚାର ଓ ପ୍ରସାର ନିମନ୍ତେ ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି, ଓଡିଶାରୁ ପ୍ରାୟ ୧୦୫ ଜଣ ମହାପ୍ରଭୁ ଙ୍କୁ ଭଲ ପାଉଥିବା ଭକ୍ତ ଆଜି ହରିଦ୍ୱାର ଠାରେ ପହଂଚି ସକାଳୁ କଳସ ପୂଜା ଗଙ୍ଗା କୁଳରେ କରାଯାଇ ସଭା ସ୍ଥଳ ରେ ମହାପ୍ରଭୁ ଙ୍କ ଚତୁର୍ଦ୍ଧା ମୂର୍ତ୍ତି ସ୍ଥାପନ କରାଯାଇଛି, ପରେ ପରେ ପରାୟଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ,ଏହି ପୂଜାରେ ଶ୍ରୀ ତ୍ରିଲୋଚନ ନାୟକ ଓ ପତ୍ନୀ ସାଗରୀକା ନାୟକ କର୍ତା କର୍ତ୍ତୀ ହୋଇ ପୂଜା ରେ ସହଯୋଗ କରିଥିଲେ ମହନ୍ତ ରାମକୃଷ୍ଣ ଦାସ ମହାରାଜ, ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ, ସମ୍ପାଦକ ପ୍ରଭାକର ମଲ୍ଲିକ ଉପସଭାପତି ବୈକୁଣ୍ଠ ନାଥ ମହାପାତ୍ର ଯୁଗ୍ମ ସମ୍ପାଦକ ନିରଞ୍ଜନ ଦାଶ ସଂଗଠନ ସମ୍ପାଦକ ନାରାୟଣ ମହାପାତ୍ର ଓ ଅନ୍ୟମାନେ ହରିଦ୍ୱାର ରେ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ଥିଲେ ପୂର୍ବରୁ ଏହି କାର୍ଯ୍ୟକ୍ରମ ଦେଶ ଓ ବିଦେଶ ରେ ସଫଳତାର ସହ ଅନୁଷ୍ଠିତ ହୋଇ ଯାଇ ଅଛି, ଆଗାମୀ ଦିନରେ ଏହାକୁ ବ୍ୟାପକ ଭାବେ କରାଯିବାକୁ ସମସ୍ତ ପ୍ରକାର ପଦକ୍ଷେପ ନିଆ ଯାଉଛି, ମହାପ୍ରଭୁଙ୍କ ପୁରାଣ ସ୍କନ୍ଦ ପୁରାଣ ର ପ୍ରଚାର ପ୍ରସାର କରିବା ନିମନ୍ତେ ପାଞ୍ଚରାତ୍ର ପ୍ରଚାର ସମିତି ସର୍ବଦା ଚେଷ୍ଟା କରି ଆସୁଅଛି ।

ମଙ୍ଗଳା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା

କାକଟପୁର,(ପି.ଏନ): କାକଟପୁର ମଙ୍ଗଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଅଶୋକ କୁମାର ତ୍ରିପାଠୀ ଙ୍କର ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ମହାବିଦ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟି ସଭାପତି ସୁଧୀର ଚନ୍ଦ୍ର ଭୂୟାଁ, ଅଧ୍ୟାପକ ଲଲାଟେନ୍ଦୁ ସ୍ୱାଇଁ, ନୃସିଂହ ଚରଣ ବିଶ୍ୱାଳ, ଜଗନ୍ନାଥ ଦୀକ୍ଷିତ,ସୁବ୍ରତ କୁମାର ନାୟକ, ନିରଞ୍ଜନ ବାରିକ, ପ୍ରଶନ୍ନ ମୁଦୁଲି, ବିଜୟ ମିଶ୍ର, ବସନ୍ତ ଖୁଣ୍ଟିଆ, ଗୋପୀନାଥ ଦାସ ଜିତୁ ଦୀକ୍ଷିତ, ରଙ୍ଗଲାଲ ସ୍ୱାଇଁ ଓ ଅଧ୍ୟାପିକା, କର୍ମଚାରୀ, ଛାତ୍ର ଛାତ୍ରୀ ମାନେ ପୁଷ୍ପ ଗୁଚ୍ଛ, ଉପଢ଼ୋକନ ଦେଇ ସମ୍ବର୍ଦ୍ଧନା ଦେଇଥିଲେ । ଡ଼ଃ ତ୍ରିପାଠୀ ନୂତନ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଧ୍ୟାପକ ଡ଼ଃ ବିନୋଦ ବିହାରୀ ବେହୁରାଙ୍କୁ ପରିଚାଳନା କମିଟି ସଭାପତି ଶ୍ରୀ ଭୂୟାଁ ଙ୍କ ଉପସ୍ଥିତି ରେ ଦାୟିତ୍ୱ ହସ୍ତାନ୍ତର କରିଥିଲେ ।

ମୋଟର ବାଇକ୍ ଦୁର୍ଘଟଣା; ୪ ଗୁରୁତର

ପାରଳାଖେମୁଣ୍ଡି,(ପି.ଏନ): ବାଇକ୍ ଦୁର୍ଘଟଣାରେ ୪ ଜଣ ଗୁରୁତର ଆହତ ହୋଇଛନ୍ତି । ଗଜପତି ଜିଲ୍ଲା ମୋହନା ତାରିଣୀ ମନ୍ଦିର ନିକଟରେ ଘଟଣା ଘଟିଛି । ଗୁରୁତର ଆହତ ହେଲେ ସ୍ଥାନା କୁଇହୁରୁ ଗାଁର ମୀନକେତନ ମଳିକ, ଶୁକଦେବ ମଳିକ, ସଞ୍ଜୟ ମଳିକ ଓ ମୋହନାର ସୁବାସିନୀ ସାହୁ । ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ମୋହନା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଏକ ବାଇକ୍‌ରେ ମୀନକେତନ, ଶୁକଦେବ ଓ ସଞ୍ଜୟ କୁଇହୁରୁ ଗାଁରୁ ମୋହନା ଆସୁଥିବା ବେଳେ ରାସ୍ତା କଡ଼ରେ ଥିବା ସୁବାସିନୀଙ୍କୁ ଧକ୍କା ଦେଇଥିଲେ । ଏଥିରେ ୪ ଜଣ ରାସ୍ତାରେ ଉପରେ ପଡ଼ି ଗୁରୁତର ଆହତ ହୋଇଛନ୍ତି । ମୋହନା ଡାକ୍ତାରଖାନାରେ ପ୍ରାଥମିକ ଚିକିତ୍ସା ପରେ ମୀନକେତ ସୁବାସିନୀଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ଡାକ୍ତର ରାମକୃଷ୍ଣ ପାତ୍ର କହିଛନ୍ତି ଓ ମୋହନା ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରି ତଦନ୍ତ କରୁଛି ।

ପାରଳାରେ ଅଗ୍ନିବର୍ଷା ଯୋଗୁଁ ଅସହ୍ୟ ତାତି, ଦୈନିକ ୮ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ

ପାରଳାଖେମୁଣ୍ଡି,(ପି.ଏନ): ପାରଳାଖେମୁଣ୍ଡି ସହରରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ଯୋଗୁଁ ଅଗ୍ନିବର୍ଷା ହେବା ଭଳି ଉତ୍ତାପ ରହିଛି. ତାପମାତ୍ରା ପ୍ରତିଦିନ ବୃଦ୍ଧି ପାଉଛି । ଦୈନିକ ୮ ଘଣ୍ଟାରୁ ଉର୍ଦ୍ଧ୍ୱ ବିଦୁତ କାଟ ଯୋଗୁଁ ସାଧାରଣ ଅତିଷ୍ଠ ହୋଇପଡିଲେଣି. ତୁରନ୍ତ ବିଭାଗୀୟ କର୍ମକର୍ତ୍ତା ପ୍ରତିକାର ନ କଲେ ଏହା ବିରୋଧରେ ଆନ୍ଦୋଳନ କରାଯିବ ବୋଲି ବୁଦ୍ଧିଜୀବୀମାନେ ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ ସୂଚନା ଦେଇ କହିଛନ୍ତି ଯେ, ପାରଳାରେ ପାରଦ ୪୨ଡିଗ୍ରୀରୁ ଉର୍ଦ୍ଧ୍ୱରେ ରହୁଥିବା ବେଳେ ଗୁଳୁଗୁଳି ଅନୁଭୂତ ହେଉଛି । ଏପରିକି ରାତିରେ ମଧ୍ୟ ଉତ୍ତାପ କାମୁନାହିଁ । ଲୋକେ ତାତିରୁ ତ୍ରାହି ପାଇବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରୁଥିଲେ ମଧ୍ୟ ଦିନ ରାତି ସବୁ ସମୟରେ ଘନ ଘନ ବିଦ୍ୟୁତକାଟ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି । ବିଦ୍ୟୁତ କର୍ମଚାରୀଙ୍କ ଅବହେଳା ଯୋଗୁଁ ବର୍ଷତମାମ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାରେ ବ୍ୟାପକ ତ୍ରୁଟି ପରିଲିକ୍ଷିତ ହେଉଛି । ବର୍ଷତମାମ ରକ୍ଷଣା ବେକ୍ଷଣ ନାମରେ ବିଦ୍ୟୁତ କାଟ କରାଯାଉଛି । ହେଲେ ସଠିକ୍ ବିଦ୍ୟୁତ ସେବା ଲୋକଙ୍କୁ ମିଳୁ ମିଳୁନି । ପାରଳା ସହରରେ ବିଜୁଳି ସମସ୍ୟା ଏବେ ଏକ ମୁଖ୍ୟ ସମସ୍ୟା ହୋଇଛି । ଏଥି ପ୍ରତି ବିଭାଗୀୟ ଦୃଷ୍ଟି ନ ଦେଇ ଖାମଖିଆଲି ଢଙ୍ଗରେ ପରିଚାଳନା କରୁଥିବା ଆଲୋଚନା ହେଉଛି । ଗ୍ରୀଷ୍ମ ଦିନରେ ଯେପରି ବିଦ୍ୟୁତ ବିଭ୍ରାଟ ନ ହୁଏ ସେଥିପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କୁହାଯାଇଥିଲା. ଗ୍ରୀଷ୍ମର ଆଗମନ ପୂର୍ବରୁ ରକ୍ଷଣାବେକ୍ଷଣ ନାମରେ ଦୀର୍ଘ ଘଣ୍ଟା ଧରି ବିଦ୍ୟୁତ କାଟ ହୋଇଥିଲା । ହେଲେ ପ୍ରକୃତ ପକ୍ଷେ ଗ୍ରୀଷ୍ମର ଆଗମନ ପରେ ଯେଉଁ କଥାକୁ ସେହି କଥା । ଦିନ ରାତି ମନଇଚ୍ଛା ବିଦ୍ୟୁତ କାଟ୍ ଲାଗି ରହୁଥ ?ିବା ଅଭିଯୋଗ ହେଉଛି । ୨୪ ଘଣ୍ଟା ମଧ୍ୟରେ ହାରାହାରି ୮ ଘଣ୍ଟାରୁ ଅଧିକ ସମୟ ଧରି ବିଦ୍ୟୁତ କାଟ ହେଉଛି । ଆଉ ଯେଉଁ ସମୟରେ ବିଦ୍ୟୁତ ଯୋଗାଣ ହେଉଛି ସେତେବେଳେ ଲୋଭୋଲଟେଜ ସମସ୍ୟା ଦେଖାଦେଉଛି । ଏଥିଯୋଗୁଁ ଏସି, କୁଲର ଦୂରର କଥା ପଙ୍ଖା ମଧ୍ୟ ବୁଲୁନି । ଅନ୍ୟପକ୍ଷରେ ଘଣ୍ଟା ଘଣ୍ଟା ବିଦ୍ୟୁତ କାଟ ଯୋଗୁଁ ଇନଭେଟର ଚାର୍ଜ ମଧ୍ୟ ରହୁନାହିଁ । ବିଦ୍ୟୁତ ବିଭାଗର ଏପରି ଅବ୍ୟବସ୍ଥାକୁ ନେଇ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏସମ୍ପର୍କରେ ଲୋକେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି । ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି । ଏନେଇ ଆମ ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡା ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ବେହେରାଙ୍କୁ ପଚାରିବାରେ ସେ ଜଣାଇଛନ୍ତି ଯେ ପାରଳା ସହରର ଆବଶକ୍ୟତା ଠାରୁ ଅଧିକ ବିଦ୍ୟୁତ ଖର୍ଚ୍ଚ ହେବା ଯୋଗୁଁ ବିଦ୍ୟୁତ ଲାଇନର ବାରମ୍ବାର ବାରମ୍ବାର ଟ୍ରିପ ହେଉଥିଲା. ଏନେଇ ଆମେ ଅନୁଧ୍ୟାନ କରିବା ସହ ଓପଟିସିଏଲ ସହ ଆଲୋଚନା କରି ବର୍ତ୍ତମାନ ଆବଶକ୍ୟ ଲୋଡ଼ ବଢା ଯାଇଛି । ତେଣୁ ଆଗଭଳି ବିଦ୍ୟୁତ ଟ୍ରିପ ହେବନାହିଁ ବୋଲି ଆଶା କରୁଛି ।

ଶାନ୍ତିଶୃଙ୍ଖଳାର ସହିତ ସରିଲା ଶେଷ ପର୍ଯ୍ୟାୟ ଭୋଟ ଗ୍ରହଣ : ପାରାଦୀପରେ ୬୧.୯୦ ପ୍ରତିଶତ ମତଦାନ

ପାରାଦୀପ,(ପି.ଏନ): ଶନିବାର ଦିନ ରାଜ୍ୟରେ ଶେଷ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହୋଇଥିଲା । ଜଗତସିଂହପୁର ସଂସଦୀୟ କ୍ଷେତ୍ରର ପାରାଦୀପ୧୦୧ ନିର୍ବାଚନ ମଣ୍ଡଳୀରେ ସଂନ୍ଧ୍ୟା ୭ଟା ସୁଦ୍ଧା ୬୧.୯୦ ପ୍ରତିଶତ ମତଦାନ ହୋଇଥିବା ନେଇ ସରକାରୀ ଭାବେ ସୂଚନା ମିଳିଛି । ପାରାଦୀପ ପୌରାଂଚଳର ୨୦୫,୨୧୧ ନମ୍ବର ବୁଥ୍‌ରେ ଇଭିଏମ୍ ଖରାପ ହେବା ଯୋଗୁଁ ମତଦାନରେ ବାଧାପ୍ରାପ୍ତ ହୋଇଥିଲା । ପରେ ଏହାକୁ ନିର୍ବାଚନ ଦାୟିତ୍ୱରେ ଥିବା ଟିମ୍ ପହଂଚିବା ପରେ ମତଦାନ ଆରମ୍ଭ ହୋଇଥିଲା । ଷଣ୍ଢକୁଦ ନୋଳିଆ ସାହୁ ସ୍କୁଲରେ ଥିବା ତିନି ଗୋଟି ବୁଥ୍ ମଧ୍ୟରୁ ଗୋଟିଏ ବୁଥ୍‌ରେ ଇଭିଏମ୍‌ରେ ତ୍ରୁଟି ଦେଖା ଦେଇଥିଲା ପରେ ଏଥିରେ ସୁଧା ଆସିଥିଲା । ସମଗ୍ର ବିଧାନସଭା କ୍ଷେତ୍ରରେ ଶାଂ ଶୃଙ୍ଖଳାର ସହିତ ମତଦାନ ଶେଷ ହୋଇଥିବା ବେଳେ କୌଣସି ଯାଗାରେ ଗଣ୍ଡଗୋଳ ହୋଇ ନଥିବା ସୂଚନା ମିଳିଛି । ପାରାଦୀପ ବିଧାୟକ, ବିଧାୟକ ପ୍ରାର୍ଥିନୀ ପାରାଦୀପ ଏନଏସି ବାଳିକା ଉଚ୍ଚ ବିଦ୍ୟାଳୟର ବୁଥ୍ ନମ୍ବର ୨୧୬ରେ ମତଦାନ କରିଥିଲେ । ସେହିପରି ବିଜେପି ବିଧାୟକ ପ୍ରାର୍ଥୀ ସମ୍ପଦ ଚରଣ ସ୍ୱାଇଁ ପାରାଦୀପଗଡ ଅ'ର୍ଗତ ରଙ୍ଗିଆଗଡଠାରେ ୧୭୫ ନମ୍ବର ବୁଥ୍‌ରେ ମତଦାନ କରିଥିଲେ । ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପରିଚାଳନା ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ବୟସ୍କ,ରୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ପାରାଦୀପରେ ମୋଟ ୪୨ ଗୋଟି ମୋ ସଖୀ ବୁଥ କରାଯାଇଥିଲା । ସେଠାରେ ପାନୀୟ ଜଳର ବ୍ୟବସ୍ଥା ସହିତ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଥିଲା ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray